ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.105 Bhubaneswar Tuesday May 30 2023 | ୨୬ତମ ବର୍ଷ ସଂଖ୍ୟା-୧୦୫ ଭୁବନେଶ୍ୱର, ମଙ୍ଗଳବାର, ମଇ ୩୦, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ଭ୍ରଷ୍ଟାଚାରମୁକ୍ତ ମୋଦୀଙ୍କ ଶାସନ ଗରିବୀକଲ୍ୟାଣ ପାଇଁ ସମର୍ପିତ, ବିଶ୍ୱରେ ଭାରତ ଗୌରବାନ୍ୱିତ: କେନ୍ଦ୍ରମନ୍ତ୍ରୀ ଜି.କିଶନ ରେଡ୍ଡୀ






ଭୁବନେଶ୍ୱର, ୨୯।୫(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଗତ ୯ବର୍ଷ ଧରି ଭାରତୀୟ ଜନତା ପାର୍ଟୀର ସରକାର ଦେଶରେ ଏକ ଭ୍ରଷ୍ଟାଚାର ମୁକ୍ତ ସରକାର ସ୍ଥାପନା କରିବା ସହିତ ବିକାଶର ଅନେକ ମାପଦଣ୍ଡରେ ଭାରତକୁ ଆଗେଇ ନେଉଛି। ସାରା ବିଶ୍ୱରେ ଭାରତର ପରାକାଷ୍ଠା ବଢ଼ିଛି। ୨୦୧୪ ମସିହାରେ ସାଧାରଣ ଲୋକେ କଂଗ୍ରେସ୍ ଦଳର ଭ୍ରଷ୍ଟାଚାର ଓ ଦୁର୍ବଳ ନେତୃତ୍ୱରୁ ମୁକ୍ତି ଚାହୁଁଥିଲେ। ଭାରତୀୟ ଜନତା ପାର୍ଟିର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦିଙ୍କୁ ବିପୁଳ ଜନସମର୍ଥନରେ ବିଜୟୀ କରାଇଥିଲେ। ଆଜି ୯ବର୍ଷ ଭିତରେ ବିଜେପି ସରକାର ବିରୁଦ୍ଧରେ ଗୋଟିଏ ବି ଭ୍ରଷ୍ଟାଚାରର ଅଭିଯୋଗ ନାହିଁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେବଳ ଭାରତ ନୁହେଁ ବିଶ୍ୱରେ ସ୍ୱୀକୃତି ଲାଭ କରିଛି। ଜି-୨୦ ଭଳି ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ସଂଗଠନରେ ଭାରତ ଅଧ୍ୟକ୍ଷତା କରିପାରିଛି ଯାହା ନରେନ୍ଦ୍ର ମୋଦିଙ୍କ ସରକାରଙ୍କର ନେତୃତ୍ୱର ପରାକାଷ୍ଠାର ପ୍ରମାଣ ବୋଲି ଆଜି ଭୁବନେଶ୍ୱରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କେନ୍ଦ୍ର ସଂସ୍କୃତି ପର୍ଯ୍ୟଟନ ଓ ଭାରତର ଉତର-ପୂର୍ବାଂଚଳ ବିକାଶ ବିଭାଗର ମନ୍ତ୍ରୀ ଜି. କିଶନ ରେଡ୍ଡୀ। ମୋଦି ସରକାରଙ୍କ ୯ବର୍ଷ ପୂର୍ତ୍ତି ଉପଲକ୍ଷେ ସରକାରଙ୍କ ୯ବର୍ଷର ଉପଲବ୍ଧି ବିଷୟରେ ବିସ୍ତୃତ ସୂଚନା ଦେବା ଅବସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବୋଧନ କରି ଶ୍ରୀ ରେଡ୍ଡୀ କହିଛନ୍ତି ଯେ; ସେବା, ସୁଶାସନ, ଗରିବ କଲ୍ୟାଣ ହେଉଛି ବିଜେପିର ସରକାରର ଭାବନା। ପ୍ରଥମ ଥର ପାଇଁ ଭାରତ ସ୍ୱଦେଶୀ ଜ୍ଞାନକୌଶଳରେ କୋଭିଡ୍ ଟୀକା ପ୍ରସ୍ତୁତ କରିପାରିଥିଲା। ୧୪୦କୋଟି ଜନସଂଖ୍ୟାର ଦେଶରେ ଟୀକାକରଣ ଅଭିଯାନ ସଫଳତାର ସହ ହୋଇପାରିଛି। ଟୀକାକରଣ ଅଭିଯାନରେ ଭାରତ ବ୍ୟବହାର କରିଥିବା ଜ୍ଞାନ କୌଶଳକୁ ଗ୍ରହଣ କରି ବିଶ୍ୱର ଅନେକ ଦେଶରେ ଟୀକାକରଣ ହୋଇଛି। କୋଭିଡ୍ ସମୟରେ ଦେଶରେ ୨୨୦କୋଟି ଡୋଜ୍ ମାଗଣା ଟୀକା ଦିଆଯାଇଛି। ୯ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବଙ୍କ ପାଇଁ ୩କୋଟି ୫୦ଲକ୍ଷ ଘର ପକ୍କା ଘର ନିର୍ମାଣ ହୋଇଛି ସେଥିରୁ ୬୫ପ୍ରତିଶତ ମହିଳାଙ୍କୁ ମିଳିଛି। ମହିଳାଙ୍କୁ ସମ୍ମାନ, ସ୍ୱଚ୍ଛ ଭାରତ ଯୋଜନାରେ ୧୧କୋଟି ୭୨ଲକ୍ଷ ପରିବାରକୁ ମିଳିଛି ଶୌଚାଳୟ। ଜଳଜୀବନ ମିଶନ ମାଧ୍ୟମରେ ୧୨କୋଟିରୁ ଅଧିକ ଘରକୁ ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ସୁବିଧା ମିଳିଛି। ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ୯କୋଟି ୬୦ଲକ୍ଷରୁ ଅଧିକ ପରିବାରକୁ ମିଳିଛି ମାଗଣା ଗ୍ୟାସ୍ ସଂଯୋଗ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୮୦କୋଟି ପରିବାରଙ୍କୁ ମାସକୁ ମିଳୁଛି ମୁଣ୍ଡ ପିଛା ୫କିଲୋ ଖାଦ୍ୟାନ୍ନ। ଆୟୁଷ୍ମାନ ଭାରତ ଯୋଜନାରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସହାୟତା ମିଳୁଛି। ମହିଳା ଓ ବାଳିକା ମାନଙ୍କୁ ୧ଟଙ୍କାରେ ସାନିଟାରୀ ପ୍ୟାଡ୍ ଯୋଗାଇ ଦିଆଯାଉଛି। ୯ହଜାର ୩୦୦ରୁ ଅଧିକ ଜନୌଷଧି କେନ୍ଦ୍ରରେ ସୁଲଭ ମୂଲ୍ୟରେ ଜେନେରିକ୍ ଔଷଧ ମିଳୁଛି। ୮ବର୍ଷ ଭିତରେ ଥରେ ବି ସାର ଦର ବୃଦ୍ଧି କରାଯାଇନାହିଁ। ପିଏମ କିଷାନ ଯୋଜନାରେ ବର୍ଷକୁ ଚାଷ କାମରେ ସହାୟତା ପାଇଁ ଚାଷୀଙ୍କ ମୁଣ୍ଡ ପିଛା ୬ହଜାର ଟଙ୍କାର ସହାୟତା ମିଳୁଛି। ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅର୍ଥନୈତିକ ଅନଗ୍ରସର ବା ଇଡବ୍ଲୁଏସ୍ ମାନଙ୍କୁ ୧୦ପ୍ରତିଶତ ସଂରକ୍ଷଣ ସୁବିଧା ଆରମ୍ଭ କରାଯାଇଛି ବୋଲି ଶ୍ରୀ ରେଡ୍ଡୀ କହିଛନ୍ତି।ମୋଦି ସରକାରଙ୍କ ଏହି ୯ବର୍ଷ ଶାସନରେ ଦେଶରେ ଭିତିଭୂମି ନିର୍ମାଣ କ୍ଷେତ୍ରରେ ଅନେକ ମାଇଲଖୁଂଟ ସ୍ଥାପିତ ହୋଇଛି। ୨୦ଟି ବନ୍ଦେ ଭାରତ ଟ୍ରେନ୍ ଚାଲୁ ହୋଇସାରିଥିବା ବେଳେ ୪୦୦ଟି ବନ୍ଦେ ଭାରତ ଟ୍ରେନ୍ ଚାଲିବା ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି। ୭୪ ନୂଆ ବିମାନ ବନ୍ଦର ପ୍ରତିଷ୍ଠା ହୋଇଛି। ୯ବର୍ଷ ଭିତରେ ୫୩,୮୬୮ କିମି ନୂଆ ଜାତୀୟ ରାଜପଥ ନିର୍ମାଣ ହୋଇଛି। ୯ବର୍ଷ ଭିତରେ ୧୫ଟି ନୂଆ ସହରରେ ମେଟ୍ରୋ ଟ୍ରେନ୍ ଚାଲିବା ସହ ୮୬୦ କିମି ମେଟ୍ରୋ ଲାଇନ ନିର୍ମାଣ ହୋଇଛି। ଅମୃତ ଭାରତ ଷ୍ଟେସନ ସ୍କିମରେ ୧୨୭୫ଟି ରେଳ ଷ୍ଟେସନର ଆଧୁନିକରଣ ହୋଇଛି। ୯ବର୍ଷରେ ୭୦୦ ନୂଆ ମେଡିକାଲ କଲେଜ ସ୍ଥାପନା, ୧୫ଟି ନୂଆ ଏମ୍ସ ସ୍ଥାପନା, ୬୯ହଜାର ୬୬୩ଟି ନୂଆ ଏମବିବିଏସ୍ ସିଟ୍ ବୃଦ୍ଧି କରାଯାଇଛି। ୯ବର୍ଷରେ ୭ଟି ନୂଆ ଆଇଆଇଟି ଓ ୭ଟି ନୂଆ ଆଇଆଇମ ପ୍ରତିଷ୍ଠା ହୋଇଛି ବୋଲି ଶ୍ରୀ ରେଡ୍ଡୀ କହିଛନ୍ତି।ନୂଆ ଟେକ୍ନୋଲିଜି ଆଧାରରେ ଡିଜିଟାଲ ଟ୍ରାନ୍‌ଜାକ୍ସନ୍ ଲୋକାଦୃତ ହୋଇଛି, ଶିକ୍ଷା, ସ୍ୱାସ୍ଥ୍ୟ, ଜନସେବାରେ ଡିଜିଟାଲ ପ୍ଲାଟଫର୍ମର ବ୍ୟବହାର ବଢ଼ିଛି। ୧୦୦ରୁ ଉର୍ଦ୍ଧ୍ୱ ୟୁନିକର୍ଣ୍ଣ, ୧ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ କମ୍ପାନୀ ସ୍ଥାପିତ ହୋଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ୪ଦଶନ୍ଧି ପରେ ଦେଶରେ ନୂଆ ଶିକ୍ଷା ନୀତି ପ୍ରଣୟନ ହୋଇଛି।ମହାକାଳ କରିଡର୍, କାଶୀ ବିଶ୍ୱନାଥ କରିଡର୍, କର୍ତାରପୁର କରିଡର୍, ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିରର ସ୍ଥାପନା ସହ ଦେଶର ଐତିହ୍ୟ ଓ ସଂସ୍କୃତିର ପୁନରୁଦ୍ଧାର କରାଯାଉଛି। ଧାରା ୩୭୦କୁ ଜାମ୍ମୁ କାଶ୍ମୀରରୁ ଉଚ୍ଛେଦ କରାଯାଇଛି। ଉତର-ପୂର୍ବ ଭାରତରେ ଥିବା ଆଭ୍ୟନ୍ତରଣୀୟ ବିଶୃଙ୍ଖଳାର ପରିସମାପ୍ତି ଘଟିଛି ଏବଂ ଶାନ୍ତି ପ୍ରତିଷ୍ଠା ହୋଇଛି। ଆତଙ୍କବାଦୀ କାର୍ଯ୍ୟକଳାପ ବିରୁଦ୍ଧରେ ରୋକ୍ ଲାଗିପାରିଛି। ସିରିଆ, ଅଫଗାନିସ୍ଥାନ ଭଳି ଦେଶରୁ ବିପଦ ସମୟରେ ୨୦ହଜାରରୁ ଅଧିକ ଭାରତୀୟଙ୍କୁ ସୁରକ୍ଷିତ ଫେରାଇ ଅଣାଯାଇଛି। କୋଭିଡ୍ ସମୟରେ ୨କୋଟି ୯୭ଲକ୍ଷ ଭାରତୀୟଙ୍କୁ ସ୍ୱଦେଶକୁ ଫେରାଇ ଅଣାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ, ଛତିଶଗଡ ରାଜ୍ୟ ବିରୋଧୀ ଦଳ ନେତା ଧରମ୍‌ଲାଲ୍ କୌଶିକ୍, ସାଂସଦ ପ୍ରତାପ ଷଡଙ୍ଗୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠୁ ଆରମ୍ଭ ହେଲା ଯୁକ୍ତ ଦୁଇ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା

ଭୁବନେଶ୍ୱର, ୨୯।୫(ପି.ଏନ): ୨୦୨୩-୨୪ ଶିକ୍ଷାବର୍ଷରେ ଯୁକ୍ତ ଦୁଇ ନାମଲେଖା ପାଇଁ ଆବେଦନ ଆଜିଠୁ ଆବେଦନ ଆରମ୍ଭ ହୋଇଛି। ଛାତ୍ରଛାତ୍ରୀମାନେ ଆସନ୍ତା ଜୁନ୍ ୨୦ ଯାଏ ଆବେଦନ କରିପାରିବେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଅଧୀନ ବିଦ୍ୟାଳୟର କଳା, ବିଜ୍ଞାନ, ବାଣିଜ୍ୟ, ଉପଶାସ୍ତ୍ରୀ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ନାମଲେଖା ହେବ। ପୂର୍ବାହ୍ନ ୧୧ଟାରେ ସାମ୍ସ ପୋର୍ଟାଲରେ କମନ୍ ଆପ୍ଲିକେସନ ଫର୍ମ(ସିଏଏଫ୍) ଉପଲବ୍ଧ ହେବ। ଆଗ୍ରହୀ ଛାତ୍ରଛାତ୍ରୀ ଜୁନ୍ ୨୦ ସୁଦ୍ଧା ନାମ ପଞ୍ଜୀକରଣ କରିପାରିବେ ଏବଂ ଜୁନ୍ ୨୮ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୯ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ

## 'ମୋ ଘର' ସ୍କିମ୍: ବଂଚ଼ିତ ହେବେ ଆଦିବାସୀ, ବ୍ୟାଙ୍କରେ ବନ୍ଧା ପଡିବ ଗରିବଙ୍କ ଭାଗ୍ୟ

ଭୁବନେଶ୍ୱର,୨୯।୫(ପି.ଏନ): ଆଗାମୀ ସାଧାରଣ ନିର୍ବାଚ଼ନକୁ ଦୃଷ୍ଟିରେ ରଖି ଗ୍ରାମାଂଚ଼ଳ ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ରାଜ୍ୟ ସରକାର ଆଜି 'ମୋ ଘର' ନାଁରେ ଏକ ନୂଆ ଯୋଜନା ଆରମ୍ଭ କରିଛନ୍ତି। ବ୍ୟାଙ୍କରେ ଜମି ପଟ୍ଟା ବନ୍ଧକ ରଖି ୧ରୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ରାଜ୍ୟ ସରକାର ୪୦ରୁ ୭୦ହଜାର ଟଙ୍କା(ସାଧାରଣ ବର୍ଗ ପାଇଁ ୩୦ରୁ ୬୦ହଜାର ଟଙ୍କା) କ୍ୟାପିଟାଲ ସବସିଡି ଦେବେ ତଥା ଗ୍ରାମାଂଚ଼ଳ ଗୃହ ନିର୍ମାଣ ଯୋଜନାରେ ଘରଟିଏ ପାଇନଥିବା ନିମ୍ନ ଓ ନିମ୍ନ ମଧ୍ୟବିତ୍ତ ବର୍ଗର ପରିବାରକୁ ଏହି ଘର ମିଳିବ ବୋଲି ଘୋଷଣା କରିଛନ୍ତି। କିନ୍ତୁ ଗ୍ରାମାଂଚ଼ଳ ଗରିବଙ୍କ ପାଇଁ ୪ଟି ଗୃହନିର୍ମାଣ ଯୋଜନା କାର୍ଯ୍ୟକାରୀ କରୁଥିବା ସରକାର ସିଧାସଳଖ ଆର୍ଥିକ ଦୁର୍ବଳ ବର୍ଗଙ୍କୁ ସିଧାସଳଖ ଘର ଆବଂଟନ ନକରି ଏଭଳି କ୍ୟାପିଟାଲ ସବସିଡି ଦେବାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।




କେବଳ ସେତିକି ନୁହେଁ ରାଜ୍ୟର ସିଡ୍ୟୁଲ ଏରିଆରେ ରହୁଥିବା ପ୍ରାୟ ଏକ କୋଟି ଆଦିବାସୀ ପରିବାର ବି ପ୍ରଚ଼ଳିତ ଆଇନ ଅନୁସାରେ ଏହି ସୁବିଧା ପାଇବାରୁ ବଂଚ଼ିତ ହେ ବୋଲି ଜଣାପଡିଛି। ରାଜ୍ୟ କ୍ୟାବିନେଟର ନିଷ୍ପତ୍ତି ଅନୁସାରେ ଗ୍ରାମାଂଚ଼ଳରେ ବିଭିନ୍ନ ଗୃହନିର୍ମାଣ ଯୋଜନାର ସର୍ତ୍ତାବଳୀ ପୂରଣ କରିପାରୁନଥିବାରୁ ବଂଚ଼ିତ ହୋଇଥିବା ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କୁ ଘରଟିଏ ଦେବା ନିମନ୍ତେ 'ମୋ ଘର' ଯୋଜନା କାର୍ଯ୍ୟକାରୀ ହୋଇଛି। ନୂଆ ଘର, ପୁରୁଣା ଘରର ଉନ୍ନତିକରଣ ଅବା ସମ୍ପ୍ରସାରଣ ପାଇଁ ବ୍ୟାଙ୍କ ମାଧ୍ୟମରେ ଲୋକେ ନିଜର ଘର ଥିବା ଅବା ଘର କରିବାକୁ ଥିବା ଜମିର ପଟ୍ଟାକୁ ବନ୍ଧା ରଖି ୧ରୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୪ଟି ସ୍ଲାବରେ ଋଣ ଆଣିପାରିବେ। ହିତାଧିକାରୀ ପ୍ରଥମ ବର୍ଷର ରିହାତି ଅବଧିକୁ ବାଦ୍ ଦେଇ ପରବର୍ତ୍ତୀ ୧୦ବର୍ଷ ଅର୍ଥାତ୍ ୧୧ବର୍ଷ ମଧ୍ୟରେ ଏହି ଋଣ ପରିଶୋଧ କରିବେ।

## ୧୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଲେ ୨ କନିଷ୍ଠ ଯନ୍ତ୍ରୀ ସହ ଖଲାସି

ଭୁବନେଶ୍ୱର,୨୯।୫(ପି.ଏନ): ୧୦ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡିଲେ ୨ କନିଷ୍ଠ ଯନ୍ତ୍ରୀ। ସେମାନେ ହେଲେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର କ୍ଷୁଦ୍ର ଜଳସେଚ଼ନ ପ୍ରକଳ୍ପର ଦୁଇ କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ ପାଢ଼ୀ ଓ ଧୀରେନ୍ଦ୍ର ପଣ୍ଡା। ଦୁଇ ଯନ୍ତ୍ରୀଙ୍କ ସହ ଅନ୍ୟ ଜଣେ ବିଭାଗୀୟ କର୍ମଚ଼ାରୀ(ଖଲାସି) ଅଜୟ କୁମାର ପାତ୍ରଙ୍କୁ ମଧ୍ୟ ଧରିଛି ଭିଜିଲାନ୍ସ। ଏକ ପୋଖରୀ ଖନନ କାମର ବିଲ୍ କରାଇଦେବାକୁ ସେମାନେ ଲାଞ୍ଚ ନେଉଥିଲେ। ନଗଦ ଟଙ୍କା ସହ ଭିଜିଲାନ୍ସ ହାତରେ ଏମାନେ ଧରାପଡିଛନ୍ତି। ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ଏହି ତିନି ଜଣଙ୍କୁ ଗିରଫ କରି ବିଭାଗୀୟ କାର୍ଯ୍ୟାଳୟରେ ପଚ଼ରାଉଚ଼ରା କରୁଛି। କୁକୁଡାଖଣ୍ଡି ବଡ ବନ୍ଧ କାର୍ଯ୍ୟର ଚୁକ୍ତିନାମା ପତ୍ର ପ୍ରଦାନ କରିବା ପାଇଁ ଏମାନେ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସୂଚ଼ନା ମିଳିଛି। ଭିଜିଲାନ୍ସ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ଲୋୟର ପିଏମ୍‌ଜିରେ ଗଛରେ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର, ୨୯।୫(ପି.ଏନ): ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଜଣେ ଯୁବକ ଗଛରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଖବର ପାଇ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଂଚି ଯୁବକଙ୍କୁ ଉଦ୍ଧାର କରିଛନ୍ତି। ତେବେ ଯୁବକଙ୍କ ପରିଚୟ ଓ ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

## ରାଜ୍ୟପାଳଙ୍କୁ ଭେଟିଲେ ଓପିଏସସି ଅଧ୍ୟକ୍ଷ

ଭୁବନେଶ୍ୱର, ୨୯।୫(ପି.ଏନ): ଓଡିଶା ଲୋକସେବା ଆୟୋଗ (ଓପିଏସସି)ର ଅଧ୍ୟକ୍ଷ ଡ. ସତ୍ୟଜିତ ମହାନ୍ତି ସୋମବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଙ୍କୁ ସାକ୍ଷାତ କରିଛନ୍ତି। ରାଜଭବନରେ ରାଜ୍ୟପାଳଙ୍କୁ ସାକ୍ଷାତ କରିବା ଅବସରରେ ସେ ୨୦୨୨-୨୩ ବର୍ଷର ବାର୍ଷିକ ରିପୋର୍ଟ ପ୍ରଦାନ କରିଛନ୍ତି। ନିଯୁକ୍ତି କ୍ୟାଲେଣ୍ଡରରେ ବିଜ୍ଞପ୍ତି ଅନୁଯାୟୀ ଆୟୋଗ ସମସ୍ତ ନିଯୁକ୍ତି ପ୍ରତିବଦ୍ଧତା ପୂରଣ କରିଥିବା ହେତୁ ୨୦୨୨-୨୩ ବର୍ଷ ଓଡ଼ିଶା ଲୋକସେବା ଆୟୋଗ ପାଇଁ ପଥପ୍ରଦର୍ଶକ ଭାବେ ବିବେଚନା କରାଯିବ। ଏହି ସମୟ ମଧ୍ୟରେ ବର୍ଗ-ଏ ଏବଂ ବର୍ଗ-ବି ସେବାରେ ନିଯୁକ୍ତି ପାଇଁ ୩୭୧୮ ଜଣ ପ୍ରାର୍ଥୀଙ୍କୁ ସୁପାରିଶ କରାଯାଇଛି, ଯାହା କି କୌଣସି ନିଯୁକ୍ତି ବର୍ଷ ପାଇଁ ସର୍ବକାଳୀନ କୀର୍ତ୍ତିମାନ। ଏହା କେବଳ ଆୟୋଗଙ୍କ ଆତ୍ମବିଶ୍ୱାସ ବଢ଼ାଇନାହିଁ ବରଂ ପ୍ରାର୍ଥୀଙ୍କ ମଧ୍ୟରେ ବିଶ୍ୱାସ ଓ ଭରସା ସଂଚାର କରିପାରିଛି। ୨୦୨୩-୨୪ ବର୍ଷରେ ସରକାରଙ୍କ ବିଭିନ୍ନ ବିଭାଗରେ ୫୦୦୦ରୁ ଅଧିକ ପଦବୀ ପାଇଁ ନିଯୁକ୍ତି କ୍ୟାଲେଣ୍ଡର ପ୍ରସ୍ତୁତ ହୋଇସାରିଛି ଏବଂ ଆୟୋଗ ସମୟୋଚିତ ପଦକ୍ଷେପ ନେଉଛନ୍ତି।ରାଜ୍ୟ ସରକାରଙ୍କ ବର୍ଗ-ଏ ଓ ବର୍ଗ-ବି ପଦବୀ ପାଇଁ ସୁପାରିଶ କରାଯାଇଥିବା ୩୭୧୮ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧୫୧୦ ଜଣ ମହିଳା ଅଛନ୍ତି ଯାହାକି କୃତକାର୍ଯ୍ୟ ପ୍ରାର୍ଥୀଙ୍କର ୪୦ପ୍ରତିଶତ ଅଟେ। ଏହା ନିଯୁକ୍ତି କ୍ୟାଲେଣ୍ଡରରେ ବର୍ଗ-ଏ ଏବଂ ବର୍ଗ-ବି ପଦବୀ ପାଇଁ ସୁପାରିଶ କରାଯାଇଥିବା ପ୍ରାର୍ଥୀଙ୍କ ମଧ୍ୟରେ ଅନୁସୂଚିତ ଜାତି ବର୍ଗର ୩୮୯ ଜଣ ଏବଂ ଅନୁସୂଚିତ ଜନଜାତି ବର୍ଗର ୪୪୩ ଜଣ ପ୍ରାର୍ଥୀ ଥିଲେ।

୨୦୨୨-୨୩ ନିଯୁକ୍ତି ବର୍ଷର କେତେକ ଗୁରୁତ୍ୱପୂର୍ଣ୍ଣ ସୁପାରିଶ:- ୧୨୦୫ ସହକାରୀ ସର୍ଜନ (ମେଡିକାଲ ଅଫିସର), ୩୫୬ ଭେଟେରିନାରୀ ଆସିଷ୍ଟାଂଟ ସର୍ଜନ, ସରକାରୀ ମେଡିକାଲ କଲେଜରେ ୨୫୦ ଆସିଷ୍ଟାଂଟ ପ୍ରଫେସର, ସରକାରୀ ଡ଼ିଗ୍ରୀ କଲେଜ ପାଇଁ ୩୪୭ ଆସିଷ୍ଟାଂଟ ପ୍ରଫେସର, ବିଏଡ୍ କଲେଜ ପାଇଁ ୩୨୯ ଆସିଷ୍ଟାଂଟ ପ୍ରଫେସର, ୨୪୪ ସ୍ନାତକୋତର ଶିକ୍ଷକ, ଓଡ଼ିଶା ସିଭିଲ ସର୍ଭିସ ପାଇଁ ୩୯୨ ପ୍ରାର୍ଥୀ, ୧୧୫ ସହକାରୀ ମତ୍ସ୍ୟ ଅଧିକାରୀ ଓ ୧୦୨ ସହକାରୀ କୃଷି ଯନ୍ତ୍ରୀ। ୨୦୨୨-୨୩ରେ ୧୭ଟି ସରକାରୀ ବିଭାଗ ପାଇଁ ଆୟୋଗ ମୋଟ ୨୬୫୦ଟି ପଦୋନ୍ନତି ପାଇଁ ସହମତି ପ୍ରକାଶ କରିଥିବା ବେଳେ ୨୮୬ଟି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସହମତି ପ୍ରଦାନ କରିଛନ୍ତି। ନିଯୁକ୍ତି ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଏବଂ ଶୀଘ୍ର ଫଳ ପ୍ରକାଶକୁ ସୁନିଶ୍ଚିତ କରିବା ଆୟୋଗର ଏକ ପ୍ରମୁଖ କ୍ଷେତ୍ର ହେବ। ବ୍ୟବସ୍ଥାର ଅଖଣ୍ଡତା ବଜାୟ ରଖିବା ପାଇଁ ଆୟୋଗ ବୈଷୟିକ ଜ୍ଞାନକୌଶଳର ଉପଯୋଗ ଜାରି ରଖିବେ ଏବଂ ଚୟନ ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟରେ ନିରପେକ୍ଷ ମାନଦଣ୍ଡ ଗ୍ରହଣ କରିବେ। ବର୍ତ୍ତମାନର ଅନଲାଇନ୍ ପୋର୍ଟାଲ, ସମନ୍ୱିତ ନିଯୁକ୍ତି ପରିଚାଳନା ବ୍ୟବସ୍ଥାର ଉନ୍ନତିକରଣ, ଏହାକୁ ଅଧିକ ଉପଭୋକ୍ତା ଅନୁକୂଳ କରିବା, ଅଧିକ କମ୍ପ୍ୟୁଟର ଭିତିକ ନିଯୁକ୍ତି ପରୀକ୍ଷା (ସିବିଆରଇ) ପରିଚାଳନା କରିବା, ଉତର ପତ୍ର ଏବଂ ସାକ୍ଷାତକାର ମୂଲ୍ୟାୟନ ସମୟରେ ପ୍ରାର୍ଥୀଙ୍କ ପରିଚୟ ଗୁପ୍ତ ରଖିବା ଇତ୍ୟାଦି ଦିଗରେ ସର୍ବଦା ଧ୍ୟାନ କେନ୍ଦ୍ରିତ କରାଯିବ। ଓଡ଼ିଶା ଲୋକସେବା ଆୟୋଗ ୨୦୨୩-୨୪ରେ ନିଜର ଗୌରବମୟ ଯାତ୍ରାର ୭୫ ବର୍ଷ ପୂର୍ତ୍ତି ପାଳନ କରିବ।ରାଜ୍ୟପାଳ ୨୦୨୨-୨୩ ବର୍ଷ ପାଇଁ ଆୟୋଗର ପ୍ରଦର୍ଶନକୁ ପ୍ରଶଂସା କରିବା ସହ ୨୦୨୩-୨୪ ବର୍ଷ ପାଇଁ ନିଯୁକ୍ତି ଲକ୍ଷ୍ୟ ହାସଲ କରିବାକୁ ଆୟୋଗଙ୍କୁ ପରାମର୍ଶ ଦେଇଥିଲେ।

## ମୌସୁମୀ ବାୟୁ ଅଗ୍ରସର ହେବାପାଇଁ ପାଗ ଅନୁକୂଳ

ଭୁବନେଶ୍ୱର, ୨୯।୫(ପି.ଏନ): ମୌସୁମୀ ବାୟୁ ଆସିବା ପାଇଁ ପାଗ ଅନୁକୂଳ ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଆଗାମୀ ୨୪ ଘଂଟା ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜର ଆହୁରି କେତକ ଭାଗକୁ ଅଗ୍ରସର ହେବାପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଉପଗ୍ରହ ରୁ ଏହା ସୂଚିତ ହେଉଛି ଯେ ଏହି ଅଂଚଳ ଗୁଡିକରେ ପାଗ ମେଘୁଆ ସହ ବର୍ଷା ଲାଗିରହିଛି। ସୂଚନାଯୋଗ୍ୟ ଯେ ଆସନ୍ତା ଜୁନ୍ ୪ ତାରିଖ ବେଳକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

# ଦକ୍ଷତା ବିକାଶ ଏବଂ ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା କ୍ଷେତ୍ରରେ ଭାରତ ଓ ସିଙ୍ଗାପୁରର ସମ୍ପର୍କ ସଶକ୍ତ ହେବ : ଧର୍ମେନ୍ଦ୍ର ପ୍ରଧାନ

ସିଙ୍ଗାପୁର/ଭୁବନେଶ୍ୱର, ୨୯।୫(ପି.ଏନ): ତିନିଦିନିଆ ସିଙ୍ଗାପୁର ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଗସ୍ତର ପ୍ରଥମ ଦିନରେ ସିଙ୍ଗାପୁରର ଉପ ପ୍ରଧାନମନ୍ତ୍ରୀ ତଥା ଅର୍ଥ ମନ୍ତ୍ରୀ ଲରେନ୍ସ ୱଙ୍ଗ ଏବଂ ସିଙ୍ଗାପୁରର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ଗାନ୍ କିମ୍ ୟୋଙ୍ଗଙ୍କୁ ଭେଟି ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶର ସମ୍ପର୍କକୁ ମଜଭୂତ କରିବା ଉପରେ ଆଲୋଚନା କରିଛନ୍ତି। ଏହି ଦୁଇ ପ୍ରମୁଖ ମନ୍ତ୍ରୀଙ୍କ ସହ ବୈଠକରେ ଶ୍ରୀ ପ୍ରଧାନ ଭାରତ ଓ ସିଙ୍ଗାପୁର ମଧ୍ୟରେ ଦକ୍ଷତା ବିକାଶ, ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା କ୍ଷେତ୍ରରେ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ଦିଗରେ ଆଲୋଚନା କରିଛନ୍ତି ଏବଂ ବୈଠକ ଫଳପ୍ରଦ ହୋଇଥିବା ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଉଭା ହେଉଥିବା ଭବିଷ୍ୟତ ହେଉଛି ଅସୀମିତ ସୁଯୋଗର ଅବସର ଦେଉଛି। ଉଭୟ ଦେଶକୁ ମିଳୁଥିବା ଲାଭ ଉପରେ କାର୍ଯ୍ୟ କରିବା ପାଇଁ ଦୁଇ ମନ୍ତ୍ରୀ ସମ୍ମତି ପ୍ରକାଶ କରିଛନ୍ତି। ସେହିପରି ଜୀବନବ୍ୟାପୀ ଶିକ୍ଷା ଗ୍ରହଣ ପାଇଁ ସୁଯୋଗ ସୃଷ୍ଟି କରିବା, ଭବିଷ୍ୟତ ପାଇଁ ମାନବ ସମ୍ବଳ ପ୍ରସ୍ତୁତ କରିବା ତଥା ଶିକ୍ଷା ଓ ଦକ୍ଷତା ବିକାଶ ମାଧ୍ୟମରେ ରଣନୈତିକ ଭାଗିଦାରୀକୁ ଅଧିକ ଦୃଢ଼ୀଭୂତ କରିବା ଦିଗରେ ଆଲୋଚନା ହୋଇଛି।ସେହିପରି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀଙ୍କ ସହ ଦକ୍ଷତା ବିକାଶକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ



କରିଥିଲେ କେନ୍ଦ୍ରମନ୍ତ୍ରୀ। ନିକଟରେ ଭୁବନେଶ୍ୱରରେ ଆୟୋଜିତ ହୋଇଥିବା ୱାର୍କସପର ଫଳାଫଳକୁ ନେଇ ବିଚାର ବିମର୍ଶ ହୋଇଥିଲା। ଭାରତର ଦକ୍ଷତା ପରିସଂସ୍ଥାନ ସାମ୍ନାରେ ଥିବା ଆହ୍ୱାନ ଏବଂ ପରିବର୍ତ୍ତନ ପାଇଁ ସିଙ୍ଗାପୁରର ଜ୍ଞାନ ଏବଂ ଅଭିଜ୍ଞତାକୁ କିପରି ଭାରତ ବ୍ୟବହାର କରିପାରିବ ସେ ଦିଗରେ ଆଲୋଚନା ହୋଇଥିଲା। ଏହା ବ୍ୟତିତ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମାନବ ସମ୍ବଳକୁ ପ୍ରଶିକ୍ଷିତ କରାଇବାରେ ସିଙ୍ଗାପୁର ଆପଣାଇଥିବା ମଡେଲ୍ ଏବଂ ବେଷ୍ଟ ପ୍ରାକ୍ଟିସ ଉପରେ ମନ୍ତ୍ରୀଙ୍କ ଠାରୁ ଅବଗତ ହୋଇଥିଲେ। ସ୍କିଲିଂ ଉପରେ ପ୍ରାଥମିକତା ଦେଇ ନୂତନ ସୁଯୋଗ ସୃଷ୍ଟି କରିବା ତଥା ଉଭୟ ଦେଶର ପାରସ୍ପରିକ ଲାଭ ପାଇଁ ସେ ଆଲୋଚନା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଶ୍ରୀ ପ୍ରଧାନ ସ୍ୱେକ୍ସ ସେକେଣ୍ଡାରୀ ସ୍କୁଲ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସିଙ୍ଗାପୁରର ଏହି ଦୁଇ ମନ୍ତ୍ରୀଙ୍କୁ ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର ପ୍ରଦାନ କରିଥିଲେ।

## ୨୦ ଫୁଟ ତଳକୁ ଖସିଲା କାର୍; ସ୍ୱାମୀ ମୃତ, ପତ୍ନୀ ଗୁରୁତର



ଭୁବନେଶ୍ୱର,୨୯।୫(ପି.ଏନ): ଖୋଲାମେଲା ପଡିଛି କଟକ ତାଳଦଣ୍ଡା କେନାଲ ରାସ୍ତା। ନା ଅଛି କୌଣସି ସାଇନ ବୋର୍ଡ ନା ଲଗାଯାଇଛି ଗାର୍ଡ ୱାଲ। ଫଳରେ ଆଜି କେନାଲ ଭିତରକୁ ଖସିପଡିଲା କାର୍। ଘଟଣାସ୍ଥଳରେ ହିଁ ଜଣଙ୍କ ଜୀବନ ଚ଼ାଲିଗଲା, ଆଉ ଜଣେ ଗୁରୁତର ଆହତ ହୋଇ ଚ଼ିକିତ୍ସିତ ହେଉଛନ୍ତି। ରାସ୍ତାକୁ ବନ୍ଦ ନକରି ବିପଦସଙ୍କୁଳ ଭାବେ କାମ ଚ଼ାଲିଥିବାରୁ ଜଣଙ୍କ ଜୀବନ ଚ଼ାଲିଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ କଟକ କନ୍ଦରପୁର ଅଂଚ଼ଳର ଜ୍ଞାନରଂଜନ ବେହେରା ଓ ଗୁରୁତର ଜଣକ ତାଙ୍କ ପତ୍ନୀ ଅଞ୍ଜନା ଜେନା। ଏଥିପାଇଁ ସ୍ଥାନୀୟ ଲୋକେ ପ୍ରଶାସନର ବେପରୁଆ ମନଭାବକୁ ଦାୟୀ କରିଛନ୍ତି। ରାସ୍ତାରୁ ପ୍ରାୟ ୨୦ ଫୁଟ ତଳେ ପାଣି ଭିତରେ ଓଲଟି ପଡିଥିବା ଗାଡିକୁ ଦୁର୍ଘଟଣାର କିଛି ସମୟ ପରେ ଉଦ୍ଧାର କରାଯାଇଥିଲା।






# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

# ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

# ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

# କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାର୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ଚିହ୍ନିରଖ ଭ୍ରାତାଙ୍କ ବଦନ...

ଆମ ଓଡ଼ିଆରେ ଏକ ଲୋକକଥା ଅଛି 'ଭାଇ ଚିହ୍ନିରଖ ଭ୍ରାତାଙ୍କ ବଦନ' ଅର୍ଥାତ୍ ଆମେ ସାଧାରଣରେ ମିଶୁଥିବା ବା ସମ୍ପର୍କ ରଖୁଥିବା ଅନେକ ଲୋକଙ୍କ ମୁଖା ପଛର ସତ ଜାଣି ପାରୁନଥାଉ। ଜଣେ ବାହାରକୁ ପ୍ରତିଷ୍ଠିତ ହୋଇପାରେ, ରୂପ ସୌନ୍ଦର୍ଯ୍ୟରେ ଗୁଣବାନ ହୋଇପାରେ, ଅର୍ଥ, ପ୍ରତିପତ୍ତି, କ୍ଷମତା, ବାହୁବଳ ଥାଇପାରେ, ହେଲେ ଚରିତ୍ର ନଥିଲେ ସବୁ ଅସାର ପରି ଯଦି ସେମାନଙ୍କ ଭିତରେ ସର୍ବନିମ୍ନ ମାନବିକତାର ଗୁଣ ନରହିବ ତାହାହେଲେ ସେମାନେ ମନୁଷ୍ୟ ପଦବାଚ୍ୟ ନୁହଁନ୍ତି। ସେଇଥିପାଇଁ ଜଣେ ଜଣେ ଆମ ସାମ୍ନାରେ ବା ସମାଜ ଆଗରେ ସେମାନଙ୍କ ଖରାପ କାର୍ଯ୍ୟକଳାପର ପ୍ରମାଣିତ ହୋଇ ଚିହ୍ନଟ ହୋଇଗଲା ପରେ ଅନ୍ୟମାନଙ୍କ ପାଇଁ କଥାଟି ସ୍ପଷ୍ଟ ଭାବେ କୁହାଯାଇଥାଏ ଯେ ଚିହ୍ନିରଖ ଭ୍ରାତାଙ୍କ ବଦନ ଅର୍ଥ ଆପଣଙ୍କ ସାମ୍ନାରେ ସେମାନେ ଭଦ୍ରଲୋକ ହୋଇପାରନ୍ତି କିନ୍ତୁ ତାଙ୍କ କଳା କାର୍ଯ୍ୟକଳାପକୁ ଆଖି ଆଗରେ ଦୃଷ୍ଟିରେ ରଖି ସେମାନଙ୍କ ଠାରୁ ଦୂରେଇବା ଚାଣକ୍ୟ ନୀତିରେ ଯାଉଛି। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡ଼କଣାର ବୟସ୍କା ସମାଜ ସେବିକା ବାସନ୍ତୀ ଆଚାର୍ଯ୍ୟ ଘରେ ନଥିବାବେଳେ ତାଙ୍କ ସ୍ୱାମୀ ଶଶୀକାନ୍ତ ଆଚାର୍ଯ୍ୟ, ସାବତପୁଅ ସତ୍ୟଜିତ ଓ ସାବତ ବୋହୂ ରୀତା ଆଚାର୍ଯ୍ୟ ତାଲା ଭାଙ୍ଗି ସମସ୍ତ ଆସବାସପତ୍ର ଓ ଘରକୁ ନିଜ କବ୍‌ଜାକୁ ନେଇଗଲେ। ସ୍ଥାନୀୟ ଆଇଆଇସି ସୁଧୀର ସାହୁ, ଏସପି, ଡିସିପିଙ୍କ ସମ୍ଭବତଃ ଅନୁମତି ନେଇ ସେମାନେ ଏହି କଳାକାରନାମା କରିଛନ୍ତି। ଉଚ୍ଚକର୍ତ୍ତୃପକ୍ଷଙ୍କ ପାଖକୁ ଅଭିଯୋଗ ପାଇଁ ଗଲାବେଳକୁ ସମସ୍ତେ କହୁଛନ୍ତି ଏହା ସିଭିଲ କେସ। ଜଣେ ନଥିବାବେଳେ ଜଣଙ୍କ ଘର ଅକ୍ତିଆର କରିବା, ତାଲା ଭାଙ୍ଗିବା, ମାଡ଼ ମାରିବା, ବିଷାକ୍ତ ଛୁଞ୍ଚ ଫୋଡ଼ିବା ଏହା କେଉଁଦିନ ସିଭିଲ କେସ ପର୍ଯ୍ୟାୟରେ ଭାରତୀୟ ସମ୍ବିଧାନ ଉଲ୍ଲେଖ କରିସାରିଲାଣି, ତାହା ଆମେ ଜାଣୁନା। ବଡ଼ ଦୁର୍ଭାଗ୍ୟର କଥା ଏହି ତଥାକଥିତ ବାହାରକୁ ଭଦ୍ରମୁଖା ଦେଖାଇ ଚମତ୍କାର ଅଭିନୟ କରୁଥିବା ଶଶୀକାନ୍ତ ଆଚାର୍ଯ୍ୟ ଏପରି କାର୍ଯ୍ୟରୁ ବିରତ ରୁହନ୍ତୁ ବୋଲି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀଙ୍କ ଝିଅ କୃଷ୍ଣା ମହାନ୍ତି, ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନର ସଭାପତି ପଦ୍ମଚରଣ ନାୟକ ଅନୁରୋଧ ପୂର୍ବକ ଯେତେ ବୁଝେଇଲେ ମଧ୍ୟ ଶଶୀକାନ୍ତ ଆଚାର୍ଯ୍ୟ ନିଜ କ୍ଷମତା, ଅର୍ଥ ଓ ପ୍ରତିପତ୍ତିକୁ ଦେଖାଇ ଜୁଲମ କରୁଛନ୍ତି। ଦୁର୍ଭାଗ୍ୟର କଥା ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇଲା ପରେ ମନୋଜ ସ୍ୱାଇଁ ନାମକ ଜଣେ ଭଦ୍ରବ୍ୟକ୍ତି ଯାହାଙ୍କ ଫୋନ ନମ୍ବର ଆଠଚାରିପାଞ୍ଚସାତଶୁନତିନିତିନିଦୁଇଦୁଇପାଞ୍ଚ, ଏହି ବ୍ୟକ୍ତି ବାସନ୍ତୀ ଆଚାର୍ଯ୍ୟଙ୍କୁ ତାଙ୍କ ଆଡୁ ଫୋନ କରି ମୁଁ ପାଣ୍ଡିଆନଙ୍କ ପିଏ କହୁଛି ମୋତେ ରାତି ଦଶଟା ପରେ ଫୋନ କରନ୍ତୁ। ବିଭିନ୍ନ ଅଭଦ୍ର କଥା କହି ଏହି ତଥାକଥିତ କଜଳପାତିଆ ଭଦ୍ରଲୋକ କୌଣସି ଅସତ୍ ଉଦ୍ଦେଶ୍ୟ ସମ୍ଭବତଃ ରଖିଛନ୍ତି। ଓଡ଼ିଶାରେ ମାଆଙ୍କୁ ସମ୍ମାନ ଦେଉଥିବା ଲୋକପ୍ରିୟ ସରକାରଙ୍କ ୫ଟି ସଚିବଙ୍କ ନାମ ନେଉଥିବା ଏହି ଭଦ୍ରମୁଖାଧାରୀଙ୍କ ଅସଲ ଚେହେରା ସମ୍ବନ୍ଧରେ ମଧ୍ୟ ତଦନ୍ତ କରାଯାଉ।

ବର୍ତ୍ତମାନ ସମୟରେ ବାଳଶ୍ରମିକ ବିଶେଷକରି ଅସହାୟ ଗରିବ ପିଲାମାନଙ୍କୁ ଥଇଥାନ କରାଯାଉଥିବା କେନ୍ଦ୍ର ପାଇଁ ସରକାର ଓ ଅନେକ ଦାତବ୍ୟ ଅନୁଷ୍ଠାନ, ବ୍ୟକ୍ତିବିଶେଷ ଅପରିଯ୍ୟାପ୍ତ ସହଯୋଗ ଦେଉଛନ୍ତି। ସେମାନଙ୍କର ତଥାକଥିତ ପରିଚୟ ନଥିଲେ ବି ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରି ଅନ୍ୟମାନଙ୍କ ସହ ସମକକ୍ଷ କରିବା ପାଇଁ ଏହା ଏକ ସାଧୁ ଉଦ୍ୟମ। ସରକାରଙ୍କ ସହ ଅନେକ ବେସରକାରୀ ସଙ୍ଗଠନ ଓ ଲୋକମାନେ ମଧ୍ୟ ଏ କ୍ଷେତ୍ରରେ ହାତ ଖୋଲା ଖର୍ଚ୍ଚ କରୁଛନ୍ତି। ତେବେ ଦୁର୍ଭାଗ୍ୟର ବିଷୟ ଗାଡ଼କଣାସ୍ଥିତ ଶଶୀକାନ୍ତ ଆଚାର୍ଯ୍ୟଙ୍କ ଘରେ ଜଣେ ବାର ତେର ବର୍ଷର ନାବାଳକକୁ ଜୋର ଜବରଦସ୍ତ ଘର ଭିତରେ ରଖି ଅତ୍ୟାଚାର କରିବା ସହ ନିଷ୍ଠୁର ଭାବେ ବ୍ୟବହାର ଦେଖାଇ ତା'ଠାରୁ କାର୍ଯ୍ୟ ହାସଲ କରୁଛନ୍ତି। ବିଚରା ଅସହାୟ ଗରିବ ପିଲାଟି ଦାନା ଗଣ୍ଡାଏ ପାଇଁ ଏଠି ଅତ୍ୟାଚାର ଜୁଲମ ସହୁଛି। ଇଏ ହେଉଛି ଶଶୀକାନ୍ତ ଆଚାର୍ଯ୍ୟଙ୍କ ପରିଚାଳନାରେ ରାଉରକେଲାରେ ଥିବା ଏକ ଦାତବ୍ୟ ସଙ୍ଗଠନର ଅନ୍ତେବାସୀ। କିନ୍ତୁ ରାଉରକେଲାର ଅନ୍ତେବାସୀ ଜଣଙ୍କ ଅନୁଷ୍ଠାନର ମୁଖିଆଳ ଶଶୀକାନ୍ତ ଆଚାର୍ଯ୍ୟଙ୍କ ଘରେ ଚାକର ପରି କାର୍ଯ୍ୟ କରୁଛନ୍ତି। ଏ କାର୍ଯ୍ୟରେ ଶଶୀକାନ୍ତ ବାବୁଙ୍କୁ ସାହାଯ୍ୟ କରୁଥିବା ତାଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ସତ୍ୟଜିତ ଓ ରୀତା ଯେଉଁମାନେ କି ଅଦାଲତରୁ ଜାମିନରେ ଆସିଛନ୍ତି। ତଥାକଥିତ ଏହି ଘୃଣ୍ୟ ଅପରାଧୀମାନେ ଜେଲଫେରନ୍ତା ହୋଇ ମଧ୍ୟ ସେମାନଙ୍କର ଚୋରମୁହଁ ଟାଣ ପରି ମୁହଁ ତୋଡ଼ ଯାଇନି। ବାପ୍‌ସେ ବେଟା ଯାଦା ପରି ଶଶୀକାନ୍ତ ଆଚାର୍ଯ୍ୟଙ୍କଠାରୁ ତାଙ୍କ ପୁଅ ସତ୍ୟଜିତର ଗୁଣ୍ଡାମୀ ଓ ଦାଦାଗିରି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇଛି। ତାଙ୍କ ବୋହୂ ରୀତା ଆଚାର୍ଯ୍ୟ ଭୁବନେଶ୍ୱର ସାଂସଦଙ୍କ ସହ ଉଠାଇଥିବା ଫଟୋ ସୋସିଆଲ ମିଡ଼ିଆରେ ଓ ସମସ୍ତଙ୍କୁ ଦେଖାଇ ନିଜ ମିଛ କ୍ଷମତା ଓ ପ୍ରତିପତ୍ତି ଦେଖାଉଛନ୍ତି। କିନ୍ତୁ ଚୋର ଘର ସବୁଦିନ ଅନ୍ଧାର ନଥାଏ ପରି ଦିନେ ନା ଦିନେ ସତ୍ୟ ସାମ୍ନାକୁ ଆସିବ ଏବଂ ଯୁଗେ ଯୁଗେ ସତ୍ୟ, ଧର୍ମ ଓ ନ୍ୟାୟର ବିଜୟ ହୋଇଛି। ଇଂରାଜୀରେ ଗୋଟିଏ ଧାଡ଼ି ଅଛି 'ଗଡ଼ ସିଜ ଦ ଟ୍ରୁଥ ବଟ ଓ୍ୱେଟ୍ସ' ଅର୍ଥ ଭଗବାନ ସତ୍ୟ ଦେଖାନ୍ତି କିନ୍ତୁ ଟିକେ ବିଳମ୍ବ ହୁଏ। ଆଜିର ସମାଜରେ ବାସନ୍ତୀ ଆଚାର୍ଯ୍ୟଙ୍କ ପରି ପରିଣତ ବୟସରେ ଅତ୍ୟାଚାରକୁ ସାମ୍ନାକରି ନ୍ୟାୟ ପାଇଁ ନିଜ ଅଧିକାର ପାଇଁ, ନିଜ ହକ୍ ପାଇଁ ଲଢୁଥିବା ଅନେକ ମହିଳା ଅଛନ୍ତି। ଦୁଇଓଳି ଖାଇବା ଗଣ୍ଡା ଓ ମୁଣ୍ଡ ଉପରେ ଛାତର ଆଶ୍ରୟ ପାଇଁ ଯେଉଁ ଅନାଥ ଆଶ୍ରମ ବା ଦାତବ୍ୟ ସଙ୍ଗଠନର ପିଲାଟି ଆସିଥିଲା ସାମାଜିକ ସ୍ରୋତରେ ସାମିଲ ହେବାପାଇଁ ସେ ଅନୁଷ୍ଠାନର ବଡ଼ବାବୁଙ୍କ ଘରେ ଅକଥନୀୟ ଯନ୍ତ୍ରଣା ସହି ଆଜି ଜୀବନ ବଞ୍ଚାଉଥିଲେ ବି ସେ ବି ଦିନେ ମୁକ୍ତ ବିହଙ୍ଗ ପରି ସେଠୁ ବାହାରିବ ଏବଂ ତା' ପ୍ରାର୍ଥନା ଭଗବାନ ମଧ୍ୟ ଶୁଣିବେ। ଭଗବାନ ଏହିପରି ଚରିତ୍ରମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ସମାଜରେ ମାନବୀୟ ମୂଲ୍ୟବୋଧ ମଣିଷପଣିଆର ବିଜୟ ହେଉ, ସମସ୍ତେ ଶାନ୍ତିରେ ରୁହନ୍ତୁ ଅନ୍ୟ ମାନଙ୍କୁ ଶାନ୍ତିରେ ରହିବା ପାଇଁ ସୁଯୋଗ ଦିଅନ୍ତୁ, ଏହାହିଁ ହେଉଛି ଆଜିର ସମୟରେ ଶ୍ରେଷ୍ଠ ମାନବିକତା, ଜୀବନଧର୍ମ ଓ ମଣିଷପଣିଆ।

—ଦେବରଞ୍ଜନ ମିଶ୍ର
*ଅବସରପ୍ରାପ୍ତ ଅନୁସଚିବ (ପରାମର୍ଶ, ୟୁନିସେଫ), ୧୩୪/ ଶହୀଦ ନଗର, ଭୁବନେଶ୍ୱର*



# ଅମରନାଥ ଶକ୍ତିପୀଠ

ପୂଣ୍ୟଭୂମି ଭାରତ ବର୍ଷରେ କୋଟି କୋଟି ଦେବୀ ଦେବତା, ଦେବ ପୀଠ ଓ ଶକ୍ତିପୀଠ ମାନ ରହିଛ। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଭାରତୀୟ ଉପମହାଦେଶରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦିଶକ୍ତି ପୀଠ ହେଲେ, (୧)ପୁରୀ ଶ୍ରୀମନ୍ଦିରରେ ପୂଜିତା ମା'ବିମଳା(ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା'ତାରା ତାରିଣୀ



(ସ୍ତନଖଣ୍ଡ), ୩) ଆସାମର ଗୌହାଟୀ ସ୍ଥିତ କାମାକ୍ଷା ଦେବୀ(ଜୋନିଖଣ୍ଡ) ଓ ୪) କୋଲକତାର ଦକ୍ଷିଣ କାଳୀ(ମୁଖଖଣ୍ଡ)। ତେବେ ୫୧ଟି ଶକ୍ତିପୀଠ ମଧ୍ୟରେ କାଶ୍ମୀରର ମହାମାୟା ଶକ୍ତିପୀଠ(ଅମରନାଥ) ଅନ୍ୟତମ। ଏହା ଅତ୍ୟନ୍ତ ପବିତ୍ର ତୀର୍ଥ ସ୍ଥାନ ଭାବରେ ପରିଚିତ। ଭାରତୀୟ ଉପ-ମହାଦେଶରେ ଏହି ପୀଠର ମହାନତା ରହିଛି। ହିନ୍ଦୁ ଧର୍ମର ପୁରାଣ ଅନୁଯାୟୀ ଯେଉଁ ସ୍ଥାନ ଗୁଡ଼ିକରେ ଦେବୀ ସତୀଙ୍କ ଅଙ୍ଗର ବିଭିନ୍ନ ଅଂଶ, ବସ୍ତ୍ର ଓ ଆଭୁଷଣ ମାନ ବିଂଚି ହୋଇ ପଡ଼ିଥିଲା, ସେଗୁଡ଼ିକ ଶକ୍ତିପୀଠ ଭାବରେ ପରିଚିତ ହେଲେ।

କାଶ୍ମୀରରେ ଅମରନାଥଙ୍କ ପବିତ୍ର ଗୁମ୍ଫାରେ ଭଗବାନ ଶିବଙ୍କ ହିମ-ଜ୍ୟୋତିର୍ଲିଙ୍ଗ ସାରା ଭାରତରେ ପ୍ରସିଦ୍ଧ। ଏଠାରେ ହିମ-ଶକ୍ତିପୀଠ ମଧ୍ୟ ରହିଛି। ଆହୁରି ମଧ୍ୟ ଏଠାରେ ଏକ ଗଣେଷ ପୀଠ ଓ ଏକ ପାର୍ବତୀ ପୀଠ ବରଫ୍‌ରେ ନିର୍ମିତ ହୋଇଛି। ଏଠାକାର ପାର୍ବତୀ ପୀଠ ହିଁ ଶକ୍ତିପୀଠ ସ୍ଥଳ। ଶ୍ରାବଣ ମାସ ଶୁକ୍ଳ ପୂର୍ଣ୍ଣିମାରେ ଅମରନାଥଙ୍କ ଦର୍ଶନ ସହିତ ପାର୍ବତୀ ଶକ୍ତିପୀଠ ମଧ୍ୟ ଭକ୍ତ ମାନଙ୍କ ଦ୍ୱାରା ଦର୍ଶନ କରାଯାଏ। ଏଠାରେ ମା'ସତୀଙ୍କ ଅଙ୍ଗ ଓ ଅଙ୍ଗ ଭୂଷଣର ପୂଜା କରାଯାଏ। କାରଣ ଏଠାରେ ମାତା ସତୀଙ୍କ ବେକ ଖଣ୍ଡ ପଡ଼ିଥିଲା। ଏଠାରେ ଶକ୍ତି ମହାମାୟା ତଥା ଭୈରବ 'ତ୍ରିସନ୍ଧେଶ୍ୱର' ଅଟନ୍ତି।

ଜାମ୍ମୁ କାଶ୍ମୀର ରାଜ୍ୟରେ ଅବସ୍ଥିତ ଅମରନାଥ ଖୁବ୍ ପବିତ୍ର ତୀର୍ଥସ୍ଥଳୀ। ଅମରନାଥ ଧାମ ବିଶ୍ୱ ପ୍ରସିଦ୍ଧ ବର୍ଫାନୀ ଶିବ ଲିଙ୍ଗ ସହିତ ମହାମାୟା ଶକ୍ତିପୀଠ ମଧ୍ୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନୀୟ। ଏହି ସ୍ଥାନରେ ଭଗବାନ ଶିବ ନିଜ ପତ୍ନୀ ପାର୍ବତୀଙ୍କୁ ଅମର ହେବାର ଜ୍ଞାନ ଦେଇଥିଲେ। ଏହି ମନ୍ଦିର ମଧ୍ୟ ଅମରନାଥଙ୍କ ପବିତ୍ର ଗୁମ୍ଫାରେ ଅବସ୍ଥିତ। ଏଠାରେ ଶିବ ଭୈରବଙ୍କୁ 'ତ୍ରିସନ୍ଧେଶ୍ୱର'ଙ୍କ ନାମରେ ପୂଜା କରାଯାଏ। ଅମରନାଥଙ୍କ ଏହି ପବିତ୍ର ଗୁମ୍ଫାରେ, ଯେଉଁଠି ଭଗବାନ ଶିବଙ୍କ ହିମ ଲିଙ୍ଗର ଦର୍ଶନ ହୋଇଥାଏ, ସେଠାରେ ହିଁ ହିମ ନିର୍ମିତ ପାର୍ବତୀ ପୀଠ ରହିଛି। ଏହି ପାର୍ବତୀ ପୀଠ ମହାମାୟା ଶକ୍ତିପୀଠ ଭାବେ ପରିଚିତ। ଅମରନାଥ ଶକ୍ତିପୀଠ କାଶ୍ମୀରର ଶ୍ରୀନଗର ଠାରୁ ୧୪୧ କି.ମି.ଦୂର ୧୨୭୦୦ ଫୁଟ୍ ଉଚ୍ଚରେ ଅବସ୍ଥିତ। ଅମରନାଥ ଯାତ୍ରା ଭାରି କଷ୍ଟଦାୟକ ଅମରନାଥ ଗୁମ୍ଫା ପର୍ଯ୍ୟନ୍ତ ଯିବା ପାଇଁ ୨ଟି ବାଟ ରହିଛି। ପ୍ରଥମ: ଶ୍ରୀନଗର ଠାରୁ ୭୦ କି.ମି. ଦୂର ବଲତଲ, ଯାହା ପାଦରେ ଚଲା ଯାଇପାରେ। କିନ୍ତୁ ଏହି



ରାସ୍ତା ଭାରି ଭୟଙ୍କର। କାରଣ ବର୍ଷାର ବିପଦ ରହିଛି। ଦ୍ୱିତୀୟ: ପହଲଗାମ୍ ରୁ ଯାତ୍ରା ଆରମ୍ଭ ହୁଏ। ଯାହା ଚନ୍ଦନବାଡ଼ି, ଶେଷନାଗ, ପଂଚତରଣୀ ହୋଇ ଯିବାକୁ ପଡ଼େ। ଏହା ବଲତଲ୍ ରାସ୍ତା ଠାରୁ ବହୁତ ଭଲ ଓ ଚନ୍ଦେବାଡ଼ି ଠାରୁ ୧୬ କି.ମି.ଦୂରରେ ପବିତ୍ର ଅମରନାଥ ଗୁମ୍ଫା ଆସିଥାଏ। ଅଧିକାଂଶ ଯାତ୍ରୀ ଏହି ରାସ୍ତାକୁ ପସନ୍ଦ କରନ୍ତି। ଜାମ୍ମୁ ଠାରୁ ପହଲଗାମ୍ ପର୍ଯ୍ୟନ୍ତ ୧୨ ଘଂଟାର ବସ୍ ଯାତ୍ରା ପରେ ପହଲଗାମ୍‌ରେ ରାତ୍ରି ବିଶ୍ରାମ କରି ପୁଣି ଯାତ୍ରା ଆରମ୍ଭ ହୁଏ। ପ୍ରଥମ ବିଶ୍ରାମ ୧୪ କି.ମି. ଦୂର ଚନ୍ଦନବାଡ଼ୀରେ ହୋଇଥାଏ। ଏହି ବାଟକୁ ପାଦରେ କିମ୍ବା ମିନି ବସ୍‌ରେ ଅତିକ୍ରମ କରିବାକୁ ପଡ଼େ। ୯୫୦୦ ଫୁଟ୍ ଉଚ୍ଚତାରେ ଅବସ୍ଥିତ ଚନ୍ଦନବାଡ଼ୀରେ ଭାରି ଥଣ୍ଡା ଥଣ୍ଡା ପବନ ଦେହକୁ ଶୀତେଇ ଦିଏ। ଏଠାରେ ଯାତ୍ରା ପାଇଁ ଛଡ଼ (ବାଡ଼ି) କିଣିବାକୁ ହୁଏ। କାରଣ ଏଠାରୁ ପଦଯାତ୍ରା ଆରମ୍ଭ ହୁଏ। ପ୍ରାୟ ୩୨ କି.ମି.ସିଧା ଉପରକୁ ଉଠାଣୀ ରାସ୍ତା ହୋଇଥିବାରୁ ବହୁ କଷ୍ଟ ଲାଗିଥାଏ। ପ୍ରତିବର୍ଷ ଉଚ୍ଚତାରେ "ପିସୁ ଟାପୁ"ରେ ପହଂଚି ଟିକେ ବିଶ୍ରାମ କରିବାକୁ ପଡ଼େ। ଏହାପରେ 'ଶେଷନାଗ' ଅର୍ଥାତ୍ ଦ୍ୱିତୀୟ ଆଶ୍ରୟସ୍ଥଳୀ ଆଡ଼େ ଯିବାକୁ ପଡ଼େ। ରାସ୍ତାରେ ଜୋଝିପାଲ୍ ଓ ନାଗାକୋଟୀରେ ଅଳ୍ପ ସମୟ ବିଶ୍ରାମ କରି ୧୨୫୦୦ ଫୁଟ୍ ଉଚ୍ଚତାରେ(ଚନ୍ଦନବାଡ଼ୀ)ରୁ ୧୪ କି.ମି. ଦୂର ଶେଷନାଗରେ ପହଂଚିବାକୁ ହୁଏ। ଚତୁର୍ଦ୍ଦିଗରେ ଉଚ୍ଚ ଉଚ୍ଚ ପାହାଡ଼ ଘେରା ଏକ ବିଶାଳ ହ୍ରଦ ରହିଛି, ଯାହାର ଗଭୀରତା ଅନୁମାନ କରିବା କଷ୍ଟକର। ଏହି ସ୍ଥାନକୁ ଶେଷନାଗଙ୍କ ବାସ ସ୍ଥାନ ବୋଲି କୁହାଯାଏ। ଶେଷନାଗ ବେଳେ ବେଳେ ଭକ୍ତ ମାନଙ୍କୁ ଦର୍ଶନ ଦେଉଥିବା କୁହାଯାଏ। ଏଠାରେ ଥିବା ଟେଂଟ ହାଉସରେ ବିଶ୍ରାମର ସୁବିଧା ସହିତ ଅହରହ ଅନ୍ନଛତ୍ରର ବ୍ୟବସ୍ଥା ରହିଛି। ସୀମା ସୁରକ୍ଷା ବାହିନୀର ଟେଂଟ ହାଉସ୍‌ରେ ଜରୁରୀ କାଳୀନ ଚିକିତ୍ସା ସୁବିଧା ମଧ୍ୟ ଉପଲବ୍ଧ ରହିଛି। ପର ଦିନ ୧୩ କି.ମି. ଦୂରର ପଂଚତରଣୀ (ତୃତୀୟ ବିଶ୍ରାମ ସ୍ଥଳୀ) ଦିଗକୁ ଯାତ୍ରା ଆରମ୍ଭ ହୋଇଥାଏ। ଏହା ଅତି କଠିନ ରାସ୍ତା। ଏବେ ୧୪୮୦୦ ଫୁଟ୍ ଉପରକୁ ଯାତ୍ରା। ଏଠାରେ ପ୍ରବଳ ଥଣ୍ଡା ହାଓ୍ୱା ବଢ଼ିଯାଏ। ଅଳ୍ପ ସମୟ ବିଶ୍ରାମ କରି ଏଠାରୁ ପଂଚତରଣ ପାଇଁ ତଳକୁ ଓହ୍ଲାଇବାକୁ ପଡ଼େ। ରାସ୍ତାରେ ରାବିବାଲ୍ ତଥା ପୋଶପୟରୀ ବାଟ ଦେଇ ତୃତୀୟ ଆଶ୍ରୟସ୍ଥଳ ପଂଚତରଣରେ ବିଶ୍ରାମ ଓ ଅଟକିବାକୁ ହୁଏ। ଏଠାରେ ମଧ୍ୟ ଚିକିତ୍ସା ସୁବିଧା,ବିଶ୍ରାମ ତଥା ଅନ୍ନଛତ୍ରର ସଂପୂର୍ଣ୍ଣ ବ୍ୟବସ୍ଥା ରହିଛି। ଏଠାରୁ





ସ୍ଥାନୀୟ ସରକାର ଶିବ ଭକ୍ତ ମାନଙ୍କ ପାଇଁ ଅମରନାଥ ଯାତ୍ରାର ବ୍ୟବସ୍ଥା କରିଥାନ୍ତି। ଏଠାରେ ଅମରନାଥ ଯାତ୍ରା ମୁଖ୍ୟତଃ ପ୍ରତିବର୍ଷ ଜୁନ୍ ରୁ ଅଗଷ୍ଟ ପର୍ଯ୍ୟନ୍ତ ପାଳନ ହୋଇଥାଏ। ଏହି ଗୁମ୍ଫାରେ ଭକ୍ତମାନଙ୍କୁ ପ୍ରସାଦ ଆକାରରେ ବିଭୂତି ଦିଆଯାଏ। ଏହି ଗୁମ୍ଫା କେବଳ ଅଳ୍ପଦିନ ପାଇଁ ଆଷାଢ ମାସରୁ ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ହିଁ ଖୋଲା ରୁହେ।

ପଥୁରିଆ ରାସ୍ତାରେ ପ୍ରାୟ ୩-୪ ଘଂଟାରେ ୩ କି.ମି.ଦୂର ଯାତ୍ରା କରି ୧୧୫୦୦ ଫୁଟ ଅମରନାଥ ଗୁମ୍ଫାର ଦୂରତା ମାତ୍ର ୭କି.ମି.। ଏହି ଗୁମ୍ଫା ୧୩୬୦୦ ଫୁଟ୍ ଉଚ୍ଚରେ ଅବସ୍ଥିତ। ଏହି ଯାତ୍ରାରେ କିଛି ଲୋକେ ଘୋଡ଼ାରେ ମଧ୍ୟ ଯାଆନ୍ତି, ମାତ୍ର ଏହି ବ୍ୟବସ୍ଥା ପୂର୍ବରୁ କରିବାକୁ ପଡ଼େ। ଦର୍ଶନ ପୂର୍ବରୁ ଅମରାବତୀ ଝରଣାରେ ସ୍ନାନ କରିବାକୁ ପଡ଼େ। ଅମରନାଥ ଗୁମ୍ଫା ପ୍ରାୟ ୬୦ ଫୁଟ୍ ଲମ୍ବା ଓ ୨୬ ଫୁଟ୍ ଓସାର। ଏହାର ଉଚ୍ଚତା ୧୫ ଫୁଟ୍।

**ଶରତ କୁମାର ରାଉତ**
ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

# ଧର୍ମଶାଳାରେ ଆଳୁ ବିହନ ସଙ୍କଟ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକର ଚାଷୀମାନଙ୍କୁ ଆବଶ୍ୟକ ପରିମାଣର ସରକାରୀ ଆଳୁ ବିହନ ମିଳୁନାହିଁ । ସରକାରୀ ରିହାତି ନପାଇ ଚାଷୀ ଖୋଲା ବଜାରରୁ ଆଳୁ ବିହନ ଚଢ଼ା ଦରରେ କିଣୁଛି । ସରକାରୀ ଆଳୁ ବିହନ କ୍ୱିଣ୍ଟାଲ ପିଛା ଦର ୧ ହଜାର ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଖୋଲା ବଜାରରେ ଏହା ୧ହଜାର ୫ଶହ ଟଙ୍କାରେ ବିକ୍ରି ହେଉଛି । ଏହାକୁ ନେଇ ଆଳୁଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଯେ, ଚଳିତ ବର୍ଷ ଏହି ବ୍ଲକରେ ପ୍ରାୟ ୧୦୦ ହେକ୍ଟର ଜମିରେ ଆଳୁଚାଷ ହେବ ବୋଲି ଜମି ପ୍ରସ୍ତୁତ ହୋଇଛି । ଏଥିପାଇଁ ୧୫ଶହ କ୍ୱିଣ୍ଟାଲ ବିହନ ଆବଶ୍ୟକ ହେଉଛି । ବର୍ତ୍ତମାନ ସୁଦ୍ଧା ଉଦ୍ୟାନ ବିଭାଗ ଚାଷୀମାନଙ୍କୁ ମାତ୍ର ୩ଶହ କ୍ୱିଣ୍ଟାଲ ଆଳୁ ବିହନ ଯୋଗାଇ ଦେଇଛି । ଏଥିରୁ ଅଧିକାଂଶ ଅଣଚାଷୀ ହାତେଇ ନେଇଥିବା ଅଭିଯୋଗ ହୋଇଛି । ପ୍ରକୃତ ଚାଷୀଙ୍କୁ ବିହନ ଯୋଗାଣରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଉଦ୍ୟାନ କୃଷି ଅଧିକାରୀଙ୍କ ସହିତ ଚାଷୀଙ୍କ ଯୁକ୍ତିତର୍କ ହୋଇଥିଲା। ଏପରିକି ବିହନ ବଣ୍ଟନ ଘଣ୍ଟାଏ ପର୍ଯ୍ୟନ୍ତ ବନ୍ଦ ହୋଇ ଯାଇଥିଲା। ଆଳୁ ବିହନ କାର୍ଯ୍ୟାଳୟ ପରିସରରେ ବଣ୍ଟା ନ ଯାଇ କୁମାରୀସ୍ଥିତ ଧର୍ମଶାଳା ମହିଳା ମହାବିଦ୍ୟାଳୟ ନିକଟ ରାସ୍ତାରେ ଖଲାସ ହୋଇଥିଲା । ସରକାରୀ ବିହନ ଅଣଚାଷୀ ନେଉଥିବା ଖବର ପାଇ ଚାଷୀମାନେ ଏହାକୁ ବିରୋଧ କରିଥିଲେ । ଏଥିପାଇଁ ଘଟଣାସ୍ଥଳରେ ଉତେଜନା ପ୍ରକାଶ ପାଇଥିଲା। ପରେ କୃଷି କାର୍ଯ୍ୟାଳୟ ନିକଟକୁ ବିହନ ଅଣାଯାଇ ବଣ୍ଟନ କରାଯାଇଥିଲା। ଏହାସତ୍ତ୍ୱେ ପୂର୍ବରୁ ଅନ୍‌ଲାଇନରେ ଆବେଦନ କରିଥିବା ବହୁ ଚାଷୀ ବିହନ ନପାଇ ଫେରି ଯାଇଥିଲେ । ତେବେ ଆବଶ୍ୟକତାଠାରୁ ମାତ୍ର ୨୦ ପ୍ରତିଶତ ବିହନ ଆସିଥିବାରୁ ଏହାର ବଣ୍ଟନ ନେଇ ବାଧା ଉପୁଜିଥିଲା । ବିହନ ପାଇବାରୁ ବଂଚିତ ଚାଷୀ ହୋହଲ୍ଲା କରିଥିଲେ। ଆଳୁ ଚାଷ ସମୟରେ ସରକାରୀ ବିହନ ସଙ୍କଟ ଦେଖାଦେଇଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

# ବୈରାଗୀ ବିଶ୍ୱାଳ ସ୍ମୃତି ସଂସଦ ବୈଠକ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକାଠାରେ ବୈରାଗୀ ବିଶ୍ୱାଳ ସ୍ମୃତି ସଂସଦ ପକ୍ଷରୁ ସମାଜସେବୀ ସ୍ୱର୍ଗତ ବୈରାଗୀ ବିଶ୍ୱାଳଙ୍କ ଶ୍ରାଦ୍ଧ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂସଦର ସମ୍ପାଦକ କାହ୍ନୁଚରଣ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଶ୍ରଦ୍ଧୋତ୍ସବ ସମ୍ପର୍କରେ ପ୍ରସ୍ତାବ ରଖିବାକୁ ଆମନ୍ତ୍ରଣ କରିଥିଲେ । ଚଳିତଥର ସ୍ୱର୍ଗତ ବିଶ୍ୱାଳଙ୍କ ୧୪ତମ ଶ୍ରାଦ୍ଧୋତ୍ସବ ଜାନୁଆରୀ ମାସ ୧୫ ତାରିଖରେ ପାଳନ କରାଯିବା ପାଇଁ ସ୍ଥିର କରାଯାଇଛି । ଏହି ବୈଠକରେ ଶିକ୍ଷାବିତ ପ୍ରଶାନ୍ତ ସ୍ୱାଇଁ, ବେଣୁଧର ନାୟକ, କୃଷକ ନେତା ବସନ୍ତ ପରିଡା, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ଶତପଥୀ, କପିଳେନ୍ଦ୍ର ରାଉତ, ଜିତେନ୍ଦ୍ର ରଥ, ଗୋଲକ ଚନ୍ଦ୍ର ପଲେଇ, ସଂଗ୍ରାମକେଶରୀ ରାୟ ଓ ପୂର୍ଣ୍ଣଚନ୍ଦ୍ର ମଲିକ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦନ୍ତା ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ଖୋର୍ଦ୍ଧା, (ପି.ଏନ): ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ରେଞ୍ଜ ଅଧିନ ମୟୁର ଝାଳିଆ -କମାଗୁରୁ ରାସ୍ତାରେ ଦନ୍ତା ଆତଙ୍କ । ଦନ୍ତା ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରଣପୁର ବ୍ଲକ ନରସିଂହପୁର ପଂଚାୟତ ନାଟିମୀ ଗ୍ରାମର ସତ୍ୟ ସ୍ୱହେରା (୫୬ ବର୍ଷ)।

ସୂଚନା ମୁତାବକ, ରଣପୁର ବ୍ଲକ ନରସିଂହପୁର ପଂଚାୟତ ନାଟିମୀ ଗାଁ ର ୩ ଜଣ ବ୍ୟକ୍ତି ଆଜି ସକାଳେ କମାଗୁରୁ ଗ୍ରାମକୁ ସାଇକେଲରେ କୂଅ ଖୋଳିବାକୁ ଯାଉଥିଲେ। ସାଇକେଲରେ ଯାଉଥିବା ବେଳେ ଟାଙ୍ଗୀ ବ୍ଲକ ଅଧିନସ୍ଥ କମାଗୁରୁ ଗ୍ରାମ ନିକଟରେ ହଠାତ୍ ଏକ ଦନ୍ତା ଜଙ୍ଗଲରୁ ବାହାରି ଆସିଥିଲା। ଦନ୍ତାକୁ ଦେଖି ୨ ଜଣ ଦୌଡ଼ି ପଳାଇଥିଲେ। ହେଲେ ସତ୍ୟ ବେହେରା ଯାଇ ନପାରିବାରୁ ଦନ୍ତା ଆକ୍ରମଣ କରିଥିଲା। ଦନ୍ତା ଆକ୍ରମଣରେ ଘଟଣାସ୍ଥଳରେ ହିଁ ସତ୍ୟଙ୍କର ମୃତ୍ୟୁ ଘଟିଥିଲା। ହେଲେ ବହୁ ବିଳମ୍ବରେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଁଚି ତଦନ୍ତ କରିବା ସହିତ ଦନ୍ତା ହାତୀ ଉପରେ ନଜର ରଖିଛନ୍ତି। ତେବେ ସତ୍ୟଙ୍କ ମୃତ୍ୟୁକୁ ନେଇ ଲୋକଙ୍କ ମଧ୍ୟରେ ଉତେଜନା ପ୍ରକାଶ ପାଇଛି। ଏପରିକି ଗତକାଲି ବିଳମ୍ବିତ ରାତିରେ ମା ଉଗ୍ରତାରା ମନ୍ଦିରରେ ଏକ ଦନ୍ତା ହାତୀ ପଶିଥିବା ଦେଖିବାକୁ ମିଳିଥିଲା। ତେବେ ମନ୍ଦିରର କୌଣସି କ୍ଷୟକ୍ଷତି ନକରି ଦନ୍ତାଟି ଫେରି ଯାଇଥିଲା।

# ସଡକ ଦୁର୍ଘଟଣାରେ ସ୍ୱାମୀ ଆଗରେ ଚାଲିଗଲା ସ୍ତ୍ରୀର ଜୀବନ : ଧର୍ମଶାଳା ଥାନା ଅଧିକାରୀଙ୍କ ମହାନତା

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ୧୬ ନଂ ଜାତୀୟ ରାଜପଥରେ ଘଟିଛି ମର୍ମନ୍ତୁଦ ସଡକ ଦୁର୍ଘଟଣା । ଶୁକ୍ରବାର ବିଳମ୍ବିତ ରାତିରେ ସାରୋଇଛକ ନିଳାଚଂଳ ପେଟ୍ରୋଲ ପମ୍ପ ନିକଟରେ ଏହି ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଥିଲା । ସ୍ୱାମୀ ସ୍ତ୍ରୀ ଏକ ବାଇକରେ ଯାଉଥିବା ସମୟରେ ସେମାନଙ୍କ ଉପରେ ଏକ ଅଜଣା ଟ୍ରକ ଚଢ଼ି ଯାଇଥିଲା । ଫଳରେ ସ୍ୱାମୀ ଅଳ୍ପକେ ବର୍ତି ଯାଇଥିବା ବେଳେ ଆଖି ଆଗରେ ସ୍ତ୍ରୀ ଛଟପଟ ହୋଇ କିଛି ସମୟରେ ପରେ ମୃତ୍ୟୁ ଘଟିଥିଲା । ଗୁରୁତର ଜଣକ ହେଲେ ଭଦ୍ରକ ଧାମନଗର ଅଂଚଳର ଚିରଞ୍ଜିବ ମଲ୍ଲ ଓ ତାଙ୍କ ସ୍ତ୍ରୀ ନନ୍ଦିତା ଜେନା ବୋଲି ଜଣାପଡିଛି । ହେଲେ ଘଟଣାସ୍ଥଳରେ ବହୁ ଲୋକ ପଂହଚିଥିଲେ ମଧ ଛଟପଟ ହେଉଥିବା ଗୁରୁତରଙ୍କୁ କେହି ଉଦ୍ଧାର କରି ନ ଥିଲେ । ତେବେ ଆଜିର ଦୁନିଆରେ ମଣିଷ ମଣିଷକୁ ଭୁଲି ଯାଉଛି । ଜୀବନ ଯନ୍ତ୍ରଣାରେ ଛଟପଟ ହେଉଥିବା ମାନବ ଆଗରେ ଆଉ ଅନେକ ମାନବ ଛିଡା ହୋଇ ଫଟୋ ଉତୋଳନ କରିବା ଘଟଣା ସମସ୍ତଙ୍କୁ ସ୍ତମ୍ଭିଭୂତ କରିଛି । ସେମାନଙ୍କୁ କେହି ସାହାଜ୍ୟ ନ କରିବା ଫଳରେ ଜଣେ ନିରୀହ ମହିଳାଙ୍କ ଜୀବନ ଯାଇଛି । ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ତୁରନ୍ତ ଘଟଣାସ୍ଥଳରେ ପଂହଚି ସେମାନଙ୍କ ଜୀବନ ବଂଚାଇବାକୁ ଉଦ୍ୟମ କରିଥିଲେ । ଶବ ଉଠାଇବାକୁ କେହି ଆସି ନ ଥିଲେ । ମାନବିକତାର ପରିଚୟ ଦେଇ ସେ ଗାଡିରେ ଗୁରୁତର ସ୍ୱାମୀ ଓ ତାଙ୍କ ମୃତ ପତ୍ନୀଙ୍କ ଶବକୁ ନିଜ ହାତରେ ଉଠାଇ ଧର୍ମଶାଳା ମେଡିକାଲକୁ ନେବା ଘଟଣା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି ।ଏହି ଖବର ପ୍ରଚାରିତ ହେବା ପରେ ଧର୍ମଶାଳା ଥାନା ଅଧିକାରୀଙ୍କ ମହାନତା ପାଇଁ ଅଂଚଳବାସୀ ଉଚ୍ଚ ପ୍ରଶଂସା କରିଛନ୍ତି । ଏବେ ବି ମାନବ ସମାଜରେ ସଚେତନତାର ଆବଶ୍ୟକତା ରହିଛି । ସରକାର ଦୁର୍ଘଟଣାରେ ସମ୍ମୁଖୀନ ହେଉଥିବା ଗୁରୁତରଙ୍କୁ ସହଯୋଗ କରିବା ଓ ସହଯୋଗକାରୀଙ୍କୁ ପୁରସ୍କୃତ କରିବା ପାଇଁ ପ୍ରଚାରପ୍ରସାର କରାଯାଉଥିଲେ ମଧ୍ୟରେ ବିପଦ ସମୟରେ କେହି ବି ଆଗକୁ ଆସୁ ନାହାନ୍ତି । ଫଳରେ କ୍ଷଣକ ସମୟରେ ନୀରିହ ଜୀବନ ଚାଲିଯାଉଛି । ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଧର୍ମଶାଳା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ବେଳେ ଆଜି ଅପରାହ୍ନରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି ।

# ଦିବ୍ୟାଙ୍ଗମାନେ କୌଣସି ଗୁଣରେ କମ୍ ନୁହଁନ୍ତି



ଭୁବନେଶ୍ୱର (ପିଏନ୍): ଦିବ୍ୟାଙ୍ଗଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ସୃଷ୍ଟି ସହିତ ସେମାନଙ୍କ ପ୍ରତି କର୍ତ୍ତବ୍ୟ ସମ୍ପର୍କରେ ସଚେତନତା ଲାଗି ପ୍ରତିବର୍ଷ ଡିସେମ୍ବର ୩ ତାରିଖରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଥାଏ। ସାଧାରଣ ପିଲାଙ୍କଠାରୁ ଦିବ୍ୟାଙ୍ଗମାନେ କୌଣସି ଗୁଣରେ କମ୍ ନୁହଁନ୍ତି। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ପ୍ରତ୍ୟେକ ବ୍ୟକ୍ତି ସାହାଯ୍ୟର ହାତ ବଢ଼ାଇବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ତ୍ରିଶୁଳିଆ ଛକ ନିକଟସ୍ଥ ରାମେଶ୍ୱର ମନ୍ଦିର ପରିସର ମଧ୍ୟରେ ଆୟୋଜିତ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଜ୍ୟୋତିର୍ବିଦ୍ ତଥା ସାମାଜିକ କର୍ମୀ ଶ୍ରୀପତି ଆର୍ଯ୍ୟଙ୍କ ସହଯୋଗକ୍ରମେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଦୃଷ୍ଟିବାଧିତ ବ୍ୟକ୍ତି ଓ ଛାତ୍ରଛାତ୍ରୀଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ରୂପେ ଚନ୍ଦ୍ରଶେଖର ପାଲ, ମନୋଜ କୁମାର ସ୍ୱାଇଁ, ପ୍ରବୀଣ ପ୍ରଧାନ, ଝରୁଲତା ସାହୁ, ଦୀପକ କୁମାର ସ୍ୱାଇଁ, ମଞ୍ଜୁଲତା ଭୂୟାଁ, ସାମାଜିକ କର୍ମୀ ସୁଶାନ୍ତ ସାହୁ, ତ୍ରିଲୋଚନ ବେଉରା, ପ୍ରିୟବ୍ରତ ପଣ୍ଡା, ଲକ୍ଷ୍ମୀପ୍ରିୟା ବେହେରା, ସନ୍ତୋଷ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳର ଭାଷା, ସାହିତ୍ୟ ଓ ସଂଗୀତର ଧ୍ରୁବତାରା ଥିଲେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର



ଭୁବନେଶ୍ୱର (ପିଏନ୍): ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ 'ଆମେ ଭୁବନେଶ୍ୱର'ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୫ତମ ଜୟନ୍ତୀ ସ୍ଥାନୀୟ ପ୍ରତିମୂର୍ତ୍ତିସ୍ଥଳ ମହାଡାକପାଳଙ୍କ କାର୍ଯ୍ୟାଳୟଠାରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ, ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ସଂଯୋଜନା କରି ମତ ବ୍ୟକ୍ତ କରିଥିଲେ ଯେ, କାନ୍ତକବି ଥିଲେ ଏକାଧାରରେ ମହାନ କବି, ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ ତଥା ଓଡ଼ିଆ ଭାଷାର ମହାନ କାଣ୍ଡାରୀ, ରାଜ୍ୟ ସଂଗୀତ "ବନ୍ଦେ ଉତ୍କଳ ଜନନୀ' ରଚନା କରି ଘରେଘରେ ସୁପରିଚିତ ହେବା ସହିତ ତାଙ୍କ କୃତି ଓ କୀର୍ତ୍ତିର ଅଭୂତ ପରିଚୟ ପ୍ରଦାନ କରିଛନ୍ତି। ବୁଢ଼ା ଶଙ୍ଖାରି, କଣାମାମୁଁ ପ୍ରମୁଖ ତାଙ୍କର କାଳଜୟୀ କୃତି ସମାହାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ସମ୍ମାନିତ ଅତିଥି ଭାବେ ଅନୁସଚିବ ଲକ୍ଷ୍ମୀଧର ବେହେରା, ଶିକ୍ଷାବିତ୍ ସୀତାବଲ୍ଲଭ ମହାପାତ୍ର, ରମେଶ ଚନ୍ଦ୍ର ପାତାଳ ସିଂ, ଦିଲ୍ଲୀପ ଦାସଶର୍ମା, ନିରଞ୍ଜନ ପଣ୍ଡା ଯୋଗଦେଇ ତାଙ୍କ ବହୁମୁଖୀ ବ୍ୟକ୍ତିତ୍ୱର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପ୍ରତିଭାଧାରୀ ବ୍ୟକ୍ତିତ୍ୱ, ଅଭିନେତା, ନିର୍ଦ୍ଦେଶକ ଶଙ୍କର ବସୁମଲ୍ଲିକ, ଭକ୍ତ ଚରଣ ପଟ୍ଟନାୟକ ପ୍ରମୁଖଙ୍କୁ 'ଆମେ ଭୁବନେଶ୍ୱର' ପକ୍ଷରୁ କାନ୍ତ କବି ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରମୁଖ ଅଭିଯାନର ସଂଯୋଜକ ବାପୁ ଓଝା, ଗିରିଜା ମହାପାତ୍ର, ବିଜୟ ପରିଡ଼ା, ସଞ୍ଜୟ ପରିଡ଼ା, କାମଦେବ ମହାପାତ୍ର ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ ନରେନ ସାହୁ କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।



# ମୋ ଗାଁ

## ଅନନ୍ୟ ହେଡ୍‌ମାଷ୍ଟର ଗିରୀଶ ପଟ୍ଟନାୟକଙ୍କ ଜନ୍ମଶତବାର୍ଷିକୀ ପାଳନ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ପି.ଏନ): ବିଶିଷ୍ଟ ଶିକ୍ଷାବିତ୍ ତଥା ଅନନ୍ୟ ଛାତ୍ରପ୍ରାଣ ସୁଦକ୍ଷ ହେଡ୍‌ମାଷ୍ଟର ଗିରୀଶ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ କମିଟି ପୂର୍ବତନ ବିଧାୟକ ତଥା ରାଜ୍ୟ ନିଶାନିବାରଣ ସମିତିର ଅଧ୍ୟକ୍ଷ ପଦ୍ମଚରଣ ନାୟକଙ୍କ ସଭାପତିତ୍ୱରେ ଗଠିତ ହୋଇଛି। ଏଥିରେ ଅବସର ପ୍ରାପ୍ତ ଆଇ.ଏ.ଏସ୍. ଅଧିକାରୀ ତଥା ବୋର୍ଡ଼ ଅଫ୍ ରେଭ୍ୟୁନୁର ପୂର୍ବତନ ମେମ୍ବର ମିଷ୍ଟର ଅରବିନ୍ଦ ବେହେରା ଉପାଧ୍ୟକ୍ଷ ଅଛନ୍ତି। କମିଟିର ସଂପାଦକ ଭାବେ "ଆମୋଫୋଇ" ପ୍ରତିଷ୍ଠାତା ବି.ରାମଚନ୍ଦ୍ର ସିଏସ୍‌ଟି ଭୋଲଟେୟାର ଓ ଯୁଗ୍ମ ସଂପାଦକ ଭାବେ ସମାଜସେବୀ ମଳୟ କୁମାର ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିଛନ୍ତି।

ଏହି ଜନ୍ମ ଶତବାର୍ଷିକୀ କମିଟିରେ ଛାତ୍ରବତ୍ସଳ ହେଡ୍‌ମାଷ୍ଟର ଗିରୀଶ ପଟ୍ଟନାୟକଙ୍କ ପୂର୍ବତନ ଛାତ୍ର ତଥା ବିଏସ୍‌ଏନଏଲ୍ ତ୍ରିପୁରା ଶାଖା ଅଧିକାରୀ ଶ୍ରୀ ହରେକୃଷ୍ଣ ମହାନ୍ତ, ଶିକ୍ଷାବିତ୍ ଯତୀନ୍ଦ୍ର ମୋହନ ଶତପଥି, ଆଡ଼ଭୋକେଟ୍ ଅଶ୍ୱିନ୍ ପ୍ରଧାନ, ଡ଼ାକ୍ତର ବାବାଜୀ ଚରଣ ଦାଶ, ସୁନାବେଡ଼ା ନାଲକୋର ପୂର୍ବତନ ଜେନେରାଲ ମ୍ୟାନେଜର ଇଂ ପ୍ରଫୁଲ୍ଲ ପାତ୍ର ଆଦି ଅନେକ ପୂର୍ବତନ ଛାତ୍ର କମିଟିର ସଭ୍ୟ ରହିଛନ୍ତି। ସାର ଗିରୀଶ ପଟ୍ଟନାୟକ ୧୯୨୪ ମସିହା ମାର୍ଚ୍ଚ ୬ ତାରିଖରେ ଜନ୍ମଲାଭ କରିଥିଲେ। ୨୦୧୦ ଜାନୁୟାରୀ ୭ରେ ତାଙ୍କର ଦେହାନ୍ତ ଘଟିଥିଲା। ଗିରୀଶ ପଟ୍ଟନାୟକ ହେଡ୍‌ମାଷ୍ଟର ଭାବେ ଦାୟିତ୍ୱ ତୁଲାଉଥିଲେ ମଧ୍ୟ ଗଣିତ, ଇଂରାଜୀ, ଭୂଗୋଳ ଆଦି ବିଷୟରେ ସେ ସ୍ୱଚ୍ଛନ୍ଦରେ ଶିକ୍ଷାଦାନ କରୁଥିଲେ। ଏହା ସହ ସେ ଏକ ଭୟମୁକ୍ତ, ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ପାଇଁ ଛାତ୍ରମାନଙ୍କ ସହିତ ବିଭିନ୍ନ ପ୍ରକାର ଖେଳକୁଦରେ ମଧ୍ୟ ଯୋଗ ଦେଉଥିଲେ। ଶିକ୍ଷକ ଭାବରେ ଛାତ୍ରମାନଙ୍କ ଘରେ ସେ ଛୁଟି କଟାଉଥିଲେ ଓ ସେମାନଙ୍କର ବିଭିନ୍ନ ବିଷୟରେ ଥିବା ସନ୍ଦେହକୁ ଦୂର କରୁଥିଲେ। ଟିୟୁସନ ଜରିଆରେ ସେ ପଇସା ରୋଜଗାର କରୁନଥିଲେ। ଗିରୀଶ ସାର୍‌ଙ୍କର ମହନୀୟ ବ୍ୟକ୍ତିତ୍ୱ ହେଲା ଯେ ଶିକ୍ଷକତା ଜରିଆରେ ସେ ଯେଉଁ ଅର୍ଥ ଦରମା ଆକାରରେ ପାଉଥିଲେ ସେହି ଅର୍ଥର ଶତାଂଶ ୭୫ ଭାଗ ସେ ଗରିବ ମେଧାବୀ ଛାତ୍ରଙ୍କ ପାଠ ପଢ଼ାରେ ଖର୍ଚ୍ଚ କରୁଥିଲେ। ତାଙ୍କର ଏତାଦୃଶ ଆଦର୍ଶ ହେତୁ ସାରା ଓଡ଼ିଶାରେ ପ୍ରାୟ ୪୦୦ ଉର୍ଦ୍ଧ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଲାଭ କରି ନିଜନିଜର କର୍ମକ୍ଷେତ୍ରରେ ପ୍ରସିଦ୍ଧି ହାସଲ କରିଛନ୍ତି। ଏହା ସମ୍ଭବ ହୋଇଥିବାର କାରଣ ହେଲା ସାର ଗିରୀଶ ପଟ୍ଟନାୟକ କୌଣସି ଜମିବାଡ଼ି ବା କୋଠାବାଡ଼ିର ମାଲିକ ହେବା ପାଇଁ ଚାହୁଁ ନଥିଲେ। ତାଙ୍କର



ବାଡ଼ିଗୋଟରେ ଗୋଟେ କାଗା କେଉଁଠି ହେଲେ ନାହିଁ। ସେଥିପାଇଁ ଓଡ଼ିଶା ରାଜ୍ୟରେ ହେଡ୍‌ମାଷ୍ଟର ଗିରୀଶ ପଟ୍ଟନାୟକ ଏକ ଅନନ୍ୟ ଜ୍ଞାନଦାତା ଥିଲେ ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ।୨୦୨୪ ମାର୍ଚ୍ଚ ୬ ତରିଖରେ ଶତବାର୍ଷିକୀ କାର୍ଯ୍ୟର ସମାପ୍ତି ଘଟିବ। ଏହି ବର୍ଷକ ମଧ୍ୟରେ ସାର୍ ଗିରୀଶ ପଟ୍ଟନାୟକଙ୍କ ହେଡ୍‌ମାଷ୍ଟର ଭାବେ ଯେଉଁ ଯେଉଁ ହାଇସ୍କୁଲ ଯଥା: ମୟୂରଭଂଜର କୃଷ୍ଣଚନ୍ଦ୍ର ହାଇସ୍କୁଲ, ଠାକୁରମୁଣ୍ଡା ହାଇସ୍କୁଲ, କନ୍ଧମାଳର ଖଜୁରିପଡ଼ା ହାଇସ୍କୁଲ, କଟକ ଜିଲ୍ଲା ସାଲେପୁର ଅଂଚଳ ଅନ୍ତର୍ଗତ ଓଡ଼ାସିଂହ ହାଇସ୍କୁଲ, ଏଂରଚ ସ୍ଥିତ ଏଲ୍‌ଏନ୍ ହାଇସ୍କୁଲ, କଟକ ଜିଲ୍ଲା ବହୁଗ୍ରାମ ହାଇସ୍କୁଲ ଆଦିରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ଏବଂ ତାଙ୍କର ଜୀବନାଦର୍ଶ ଉପରେ ଆଲୋଚନା ଚକ୍ର, ବକ୍ତୃତା ପ୍ରତିଯୋଗିତା ଆଦି ଅନୁଷ୍ଠିତ କରାଯାଇ ସୁନାମ ଅର୍ଜନ କରିଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯିବ। ମାର୍ଚ୍ଚ ୬, ୨୦୨୪ ଜନ୍ମଦିନରେ ଏକ ମିମୋରିଆଲ୍ ଲେକଚର ଅନୁଷ୍ଠିତ ହେବ। ଏଥିରେ ସୁପ୍ରିମ୍ କୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ମାନ୍ୟବର ଦୀପକ ମିଶ୍ର, ରାଜସ୍ଥାନ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଇନ୍ଦ୍ରଜିତ୍ ମହାନ୍ତି, ସୁପ୍ରିମକୋର୍ଟର ସିନିୟର ଆଡ୍‌ଭୋକେଟ୍ କଲିନ୍ ଗନ୍‌ସାଲଭିସ୍, ବିଶିଷ୍ଟ ଅଧ୍ୟାପକ ତଥା ରାଜନୀତି ବିଜ୍ଞାନୀ ବିଜୟ କହିବାର ପ୍ରମୁଖ ନିଜନିଜର ପ୍ରବନ୍ଧ ପାଠ କରିବେ ବୋଲି କମିଟିର ସଂପାଦକ ବି.ରାମଚନ୍ଦ୍ର ସିଏସ୍‌ଟି ଭୋଲଟେୟାର ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

ଅଧିକନ୍ତୁ ସେ କହିଛନ୍ତି ଯେ, ଗିରୀଶ ପଟ୍ଟନାୟକଙ୍କ ଜନ୍ମତିଥିରେ ଏକ "ସ୍ମାରକୀ ପୁସ୍ତକ" ଉନ୍ମୋଚିତ ହେବ। ଏହି ପୁସ୍ତକରେ ଯେଉଁମାନେ ଲେଖା ଦେବାପାଇଁ ଆଗ୍ରହୀ ସେମାନେ "ସଂପାଦକ, ଗିରୀଶ ପଟ୍ଟନାୟକ ଜନ୍ମଶତବାର୍ଷିକୀ କମିଟି, ୧୨୧, ଧର୍ମ ବିହାର, ଭୁବନେଶ୍ୱର-୭୫୧୦୩୦ ଠିକଣାରେ ନିଜନିଜର ଲେଖା ପଠାଇବା ପାଇଁ ସେ ଅନୁରୋଧ କରିଛନ୍ତି। ଯୋଗାଯୋଗ ପାଇଁ ଦୂରଭାଷ ନଂ ହେଉଛି : ୯୨୩୮୮୭୮୨୮୦।

## ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ। ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ। ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର। ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ। ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତ୍ତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ। ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି। ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି। ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି। ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି। ଏହାଦ୍ୱାରା ବର୍ତ୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି। ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି। ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି। ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

## ଅଧ୍ୟବସାୟ ହିଁ ସଫଳତାର ଚାବିକାଠି - ଜିଲ୍ଲାପାଳ, ଭଦ୍ରକ ଜିଲ୍ଲାସ୍ତରୀୟ ମେଧାବି ଅଭିନନ୍ଦନ ସମାରୋହ

ଭଦ୍ରକ, (ପି.ଏନ): ହାଇସ୍କୁଲ ପରୀକ୍ଷାରେ ଏ-୧ ଗ୍ରେଡ୍ ହାସଲ କରିଥିବା ଭଦ୍ରକ ଜିଲ୍ଲାର ସମସ୍ତ ସଫଳ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା ଓ ଅଭିନନ୍ଦନ ଜ୍ଞାପନ ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ମେଧାବି ଅଭିନନ୍ଦନ ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଶହୀଦ ସ୍ମୃତି ଭବନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଥିରେ ଅନ୍ୟତମ ସମ୍ମାନିତ ଅତିଥିଭାବେ ଏସ୍.ପି.ବରୁଣ ଗୁନ୍ତୁପାଲି, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ମାୟାଧର ସାହୁ ଏବଂ ପ୍ରଣୟ କୁମାର ନାୟକ ଯୋଗ ଦେଇଥିଲେ। ନିଷ୍ଠାର ସହିତ ପରିଶ୍ରମ କଲେ ସଫଳତାକୁ ଛୁଇଁ ହୁଏ। ସଫଳତାକୁ ବଜାୟ ରଖିବାକୁ ହେଲେ ଅଧ୍ୟବସାୟକୁ ଜାରି ରଖିବାକୁ ପଡ଼ିବ। ଭବିଷ୍ୟତ କ୍ୟାରିଅର ଗଠନ ଦିଗରେ ପିଲାମାନେ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ପୂରଣ ପାଇଁ ସାଧନାରୁ କେହି ବିରତ ନହେବାକୁ ଜିଲ୍ଲାପାଳ ବକ୍ତବ୍ୟ ପ୍ରସଙ୍ଗରେ ଏହି ଅଭିନନ୍ଦନ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ମେଧାବୀମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ସଫଳ ଶିକ୍ଷା ବିନା ଜୀବନ ବି ସଫଳ ହୁଏ ନାହିଁ ବୋଲି ଏସ୍.ପି. ମଧ୍ୟ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ କି ସଦ୍ୟ ପ୍ରକାଶିତ ହାଇସ୍କୁଲ ପରୀକ୍ଷା ଫଳାଫଳରେ ଭଦ୍ରକ ଜିଲ୍ଲରେ ୧୭୦ଜଣ ଏ-ୱାନ୍ ଗ୍ରେଡ୍‌ରେ ସଫଳତା ହାସଲ କରିଥିଲେ।

## ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତ୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ରେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ପର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି। ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

## ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସେ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଖରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

### ହତ୍ୟାର ଦୁଇ ମାସ ପରେ ଅଭିଯୋଗ : ୪ ଦିନରେ ଅଭିଯୁକ୍ତ ଗିରଫ

କନ୍ଧମାଳ, (ପି.ଏନ): ମାର୍ଚ୍ଚ ମାସରେ ହତ୍ୟା, ମଇ ମାସରେ ଅଭିଯୋଗ। ଅଭିଯୋଗର ଚାରି ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହେଲା ବାଲିଗୁଡ଼ା ପୋଲିସ୍। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ୍ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଗତ ମାର୍ଚ୍ଚ ମାସରେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ବୁଡାଗୁଡ଼ା ଅଂଚଳରେ କେଡୁ ଯାତ୍ରା ଚାଲିଥିଲା। ଏହି ସମୟରେ ଗେରେଙ୍ଗାକିଆ ଗାଁର ପାଉଲ ପ୍ରଧାନଙ୍କୁ ଘରୁ ଡାକିନେଇ ୪ ଭାଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମାର୍ଚ୍ଚ ୧୪ରେ ହତ୍ୟାକାଣ୍ଡ ଘଟିଥିବା ବେଳେ ୧୬ ତାରିଖରେ ପୋଲ ନିକଟସ୍ଥ ପାଣି ଥିବା ଖାଲରୁ ପାଉଲଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପାଉଲଙ୍କ ପୁଅ କେରଳ ରହୁଥିବା ବେଳେ, ଘରକୁ ଆସିବା ପରେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ମଇ ମାସରେ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ଜାଣି ହତ୍ୟାକାରୀ ଗୋଷ୍ଠୀ ମୃତକଙ୍କ ପରିବାରକୁ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗ ବି ହୋଇଛି।

### ବିଇଏମସି ୩୬ ନଂ ୱାର୍ଡ଼ରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ

ଗଞ୍ଜାମ, (ପି.ଏନ): ବିଇଏମସି ୩୬ ନଂ ୱାର୍ଡ଼ରେ ଆଜି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମହାନଗର ନିଗମ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ଉପ ମେୟର ଇ. ବିବେକ ରେଡ୍ଡୀ, ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ଡଃ. ସୋନାଲି ଗନ୍ତାୟତଙ୍କ ସମେତ ବହୁ କର୍ପୋରେଟର, ସ୍ଥାନୀୟ ବିଜେଡି କର୍ମୀ ଓ ଅନେକ ବରିଷ୍ଠ ନେତୃବୃନ୍ଦ ତଥା ପଦାଧିକାରୀଙ୍କ ଉପସ୍ଥିତିରେ ୱାର୍ଡ ନମ୍ବର ୩୬ର ବହୁ ପ୍ରକଳ୍ପ ଯଥା ରାସ୍ତା, ନାଳ ନିର୍ମାଣ ଏବଂ ଉନ୍ନତିକରଣ ପାଇଁ ଶିଳାନ୍ୟାସ ତଥା ଭିତିପ୍ରସ୍ତର ସ୍ଥାପନ କରାଯାଇଛି।

## ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟର୍ନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/ ୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।




# ମିଶନ ଶକ୍ତି ନିଯୁକ୍ତି ଅର୍ଥ କାରବାର ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେପିର ଦାବି

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ବଡଚଣା ବ୍ଲକ ମିଶନ ଶକ୍ତି ନିଯୁକ୍ତ ଅନିୟମିତା ଓ ଅର୍ଥ କାରବାର ଅଭିଯୋଗ ପରେ ସଭାନେତ୍ରୀ ଇସ୍ତଫା ଦେଇଥିଲେ । ଏହି ଅବସରରେ ବଡଚଣା ବିଜେପି ପକ୍ଷରୁ ଚଣ୍ଡିଖୋଲ ଦଳୀୟ କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ରାଜ୍ୟ ବିଜେପି ସମ୍ପାଦକ ଅମର ନାୟକ ଯୋଗ ଦେଇ ବଡଚଣା ବ୍ଲକ ଅଧିନରେ ଥବବା ମିଶନ ଶକ୍ତି ସଭାନେତ୍ରୀ ପଦବୀରେ କିଛିନା ମହାପାତ୍ର କେଉଁ ଆଧାରରେ ୮ବର୍ଷ ହେବ ବଡଚଣା ବାହାର ଅଂଚଳ ମହିଳା ହୋଇ ଏଠାରେ ଅବସ୍ଥାପିତ ହୋଇଛନ୍ତି । ମିଶନ ଶକ୍ତି ଅଧିନରେ ୬୧ଟି ସିଆରପି,୫ଟି ଏମବିକେ ଓ ୩ଟି ବ୍ୟାଙ୍କ ମିତ୍ର ପଦବୀ ପାଇଁ ୨୩.୪.୨୦୨୩ ତାରିଖରେ ଲୁଚାଣି ଆଭାବେ ବିଜ୍ଞାପନ କରାଯାଇଥିଲା । ବିଭିନ୍ନ ପଂଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ କୌଣସି ସୂତ୍ରରୁ ଖବର ପାଇ ଆବେଦନ ପରେ ବି ସେମାନଙ୍କୁ ପ୍ରାପ୍ତି ସ୍ୱିକାର ପତ୍ର ପ୍ରଦାନ କରାଯାଇ ନ ଥିଲା । ଏହାର ପ୍ରତିବାଦରେ ବଡଚଣା ବିଜେପି ମହିଳା ମୋର୍ଚ୍ଚାର ସମର୍ଥକ ଓ ଆବେଦନ କରିଥିବା ସଦସ୍ୟମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ । ଏଥିରେ ବ୍ଲକର ବିଡିଓ ହସ୍ତକ୍ଷେପ କରି ଆବେଦନ କରିଥବବା ସମସ୍ତ ସଦସ୍ୟମାନଙ୍କୁ ୪ଦିନ ପରେ ସ୍ୱିକାର ପତ୍ର ପ୍ରଦାନ କରିଥିଲେ । ପୂର୍ବରୁ ଏହି ପଦବୀ ଗୁଡିକ ନିଯୁକ୍ତି ପ୍ରକ୍ରୀୟା ଓ ଏଲଏମ ପରିଚାଳନା କରୁଥିବା ବେଳେ ଏବେ ଏହି ନିଯୁକ୍ତି ପ୍ରକ୍ରୀୟାର ଦାୟିତ୍ୱ ମିଶନ ଶକ୍ତି ସଭାନେତ୍ରୀ ଓ ସମ୍ପାଦକଙ୍କ ଉପରେ ନ୍ୟସ୍ତ କରାଯାଇଛି । ଯାହା ଫଳରେ ନିଯୁକ୍ତି ପ୍ରକ୍ରୀୟାକୁ ବାଟମାରଣ କରି ନିଜ ଇଚ୍ଛା ମୁତାବକ ମହିଳାଙ୍କୁ ରଖିବା ସହ ବ୍ୟାପକ ଅର୍ଥ କାରବାର ହୋଇଥିବା ଅଭିଯୋଗ ରହିଛି । କିଛି ଦିନ ପୂର୍ବେ ଫେଡେରେସନର ସଭାପତି ମହାପାତ୍ର ନିଜ ଘରେ ଖୋଲାଖୋଲି ଭାବେ ବନ୍ତଳା ପଂହଚାୟତର ଅନୁସୋଚିତ ଜାତିର ଜୈନିକ ମହିଳାଙ୍କଠାରୁ ନିଯୁକ୍ତ କରିବା ପାଇଁ ଟଙ୍କା ନେଉଥିବା ଭିଡିଓ ଭାଇରାଲ ହୋଇଥିଲା । ଏହା ପରେ ବିଜେପି ଜିଲାପାଳଙ୍କ ଦୃଷ୍ଟି ଦେବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲା । ଜିଲାର ଏକ କମିଟି ବ୍ଲକ କାର୍ଯ୍ୟାଳୟ ଆସି ଫେଡେରେସନର ସଭାନେତ୍ରୀ ଟଙ୍କା ଦେଇଥବବା ମହିଳା ଓ ଓଏଲଏମ କର୍ମଚାରୀଙ୍କ ଠାରୁ ତଥ୍ୟ ସଂଗ୍ରହ କରିଥିଲେ । ଘଟଣାରେ ସତ୍ୟତା ଥିବା ଉପଲବ୍ଧ କରି ଜିଲାପାଳଙ୍କ ପ୍ରଦାନ ପରେ ଓଡିପିଓଙ୍କ ନିକଟରେ ଆଗୁଆ ନିଜ ଇସ୍ତଫା ପ୍ରଦାନ କରିଥିଲେ । ଏଭଳି ସଙ୍ଗିନ କାର୍ଯ୍ୟରେ ଲିପ୍ତ ମହିଳାଙ୍କ ବିରୋଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବ୍ଲକ ପ୍ରଶାସନ ତାଙ୍କ ବିରୋଦ୍ଧରେ ଫୌଜଦାରୀ ମକଦ୍ଦମା ରୁଜୁ କରୁନ୍ତୁ । ପଂଚାୟତ ଓ ବ୍ଲକ ମିଶନ ଶକ୍ତି ପୁନଃ ଗଠନ କରାଯାଉ । ଅବୈଧ ଭାବେ ହୋଇଥିବା ସମସ୍ତ ନିଯୁକ୍ତି ବାତିଲ କରି ପୁନଃ ନିଯୁକ୍ତ ପ୍ରକ୍ରୀୟା କରାଯାଉ । ଏଥିପାଇଁ ବିଜେପି ପକ୍ଷରୁ ବିଡିଓଙ୍କୁ ଏକ ଦାବିପତ୍ର ଶୁକ୍ରବାର ଦିନ ପ୍ରଦାନ କରାଯାଇଛି । ତିନିଦିନ ମଧରେ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନିଆନଗଲେ ମହିଳା ମୋର୍ଚ୍ଚା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଜିଲା ସାଧାରଣ ସମ୍ପାଦିକା ଦେବଜାନୀ ପ୍ରଧାନ ସୂଚନା ଦେଇଛନ୍ତି । ଏହି ସମ୍ବାଦିକ ସମ୍ମିଳନୀରେ ଜିଲା ସାଧାରଣ ସମ୍ପାଦକ ପ୍ରମୋଦ ଜେନା,ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରୀତମ ନାୟକ ଓ ମଣ୍ଡଳ ସଭାପତି ଲଲାଟ କେଶରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ଗୁରୁତର

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ୧୬ ନଂ ଜାତୀୟ ରାଜପଥ ଚଣ୍ଡିଖୋଲଛକ ନିକଟରେ ଆଜି ସକାଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ପାଣିକୋଇଲି-କଟକ ମୁଖ୍ୟା ରାସ୍ତା ଚଣ୍ଡିଖୋଲ ଆଂଚଳିକ ପରିବହନ କାର୍ଯ୍ୟାଳୟ ନିକଟସ୍ଥ ବ୍ରିଜ ଉପରେ ଏହି ଦୁର୍ଘଟଣା ଘଟିଛି । ଏକ ଆଇରନ ବୋଝେଇ ଟ୍ରକ ରାସ୍ତା କଡରେ ଛିଡା ହୋଇଥିବା ବେଳେ ପଛ ପଟୁ ଏକ ମାଲ ବୋଝେଇ ଟ୍ରକ ଧକ୍କା ଦେଇଥିଲା । ଫଳରେ ରାଜସ୍ଥାନ ଅଂଚଳର ରମଜାନ ଖାଁ ଓ ଆଝାରୁଦ୍ଦିନ ଦୁହେଁ ଗୁରୁତର ଆହତ ହୋଇଥିଲେ । ଖବର ପାଇ ଚଣ୍ଡିଖୋଲ ଅଗ୍ନୀଶମ ବିଭାଗ ଘଟଣାସ୍ଥଳରେ ପଂହଚି ଗୁରୁତରଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ । ଅନ୍ୟ ପକ୍ଷେ ଚଣ୍ଡିଖୋଲ ଫାଣ୍ଡି ପୁଲିସ ଦୁର୍ଘଟଣାଗ୍ରସ୍ତ ଦୁଇଟି ଟ୍ରକକୁ ଜବତ କରିଛି ।

# ଆହାର କେନ୍ଦ୍ରକୁ ଅଚାନକ ପରିଦର୍ଶନ କରିବା ବାଧତାମୂଳକ

## *୭ ତାରିଖ ସୁଦ୍ଧା ଡବ୍ଲୁଏସଏଚଜିକୁ ପ୍ରାପ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ*

ଭୁବନେଶ୍ୱର, (ପି.ଏନ): ଆହାର କେନ୍ଦ୍ର କାର୍ଯ୍ୟକୁ ସୁରୁଖୁରୁରେ ଚଳାଇବା ଏବଂ ଉଚ୍ଚ ମାନ ବଜାୟ ରଖିବା ପାଇଁ ବିଭିନ୍ନ ସ୍ତରରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଅଚାନକ ଗସ୍ତ କରିବା ବାଧତାମୂଳକ ବୋଲି ନିଷ୍ପତି ନିଆଇଛି । ଶନିବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ତଥା ରାଜ୍ୟ ନୋଡାଲ ଅଧିକାରୀ 'ଆହାର' ସାରଦା ପ୍ରସାଦ ପଣ୍ଡା ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଥିବା 'ଆହାର' କେନ୍ଦ୍ରକୁ ଅଚାନକ ପରିଦର୍ଶନରେ ଯାଇଥିଲେ । ଦାୟିତ୍ୱରେ ଥିବା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସହ ଆଲୋଚନା କରିଥିଲେ, ଏବଂ ସମ୍ମାନର ସହ ହିତାଧିକାରୀଙ୍କ ସେବା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ, ଖାଦ୍ୟର ଅପଚୟକୁ କମ୍ କରିବା, ଏବଂ ସମ୍ବେଦନଶୀଳ ଗୋଷ୍ଠୀଙ୍କୁ ବିଶେଷ ଧ୍ୟାନ ଦେଉଛି, ସଫେଇ ସାମଗ୍ରୀର ପର୍ଯ୍ୟାପ୍ତ ମହଜୁଦ ରଖିବା, ସେବା କରିବା ସମୟରେ ସୁରକ୍ଷା ପୋଷାକର ବ୍ୟବହାର କରନ୍ତୁ, ସେବା ଅବଧି ମଧରେ ନିୟମିତ ସଫେଇ ଓ ମୋପିଙ୍ଗ କରିବା ପାଇଁ ପରାମର୍ଶ ଦେଇଥିଲେ ।ସେହିପରି ଏସଏଚଜିର ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାର ସହରାଂଚଳ ସ୍ଥାନୀୟ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ମିଶନ ଶକ୍ତି ଏସଏଚଜିକୁ ସମସ୍ତ ଆବଶ୍ୟକ ସହାୟତା ପ୍ରଦାନ କରନ୍ତୁ ଏବଂ ପ୍ରତ୍ୟେକ ମାସର ୭ ତାରିଖ ସୁଦ୍ଧା ସେମାନଙ୍କୁ ନିର୍ଦ୍ଧାରିତ ସମୟରେ ପାରିଶ୍ରମିକ ପ୍ରଦାନ ସୁନିଶ୍ଚିତ କରନ୍ତୁ । ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ 'ଆହାର' ଠାରୁ ତଦାରଖ ଶୁଳ୍କ ବାବଦରେ ୧୩ କୋଟି ଟଙ୍କାରୁ ଅଧିକ ଆୟ କରିସାରିଛନ୍ତି ।ସୂଚନାଯୋଗ୍ୟ ଯେ ୫ଟି ମହାନଗର ନିଗମରେ ୨୧ଟି 'ଆହାର' କେନ୍ଦ୍ର ଆରମ୍ଭ ହୋଇଥିଲା, । ବର୍ତ୍ତମାନ ରାଜ୍ୟର ସମସ୍ତ ୧୧୫ ଟି ସହରାଂଚଳ ସ୍ଥାନୀୟ ସଂସ୍ଥାକୁ ନେଇ ଗଠିତ ଓଡ଼ିଶାରେ ୧୬୭ ଟି 'ଆହାର' କେନ୍ଦ୍ର ରହିଛି । ବର୍ତମାନ ସୁଦ୍ଧା ୧୫୦ ନିୟୁତରୁ ଅଧିକ ଖାଦ୍ୟ ବିପନ୍ନଙ୍କୁ ଯୋଗାଇ ଦିଆଯାଇଛି । 'ଆହାର' କାର୍ଯ୍ୟକ୍ରମରେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରାଯାଇଛି । ସମସ୍ତ ୧୬୭ ଟି ଆହାର କେନ୍ଦ୍ର ଓ ୨୭ଟି ଆହାର ରୋଷେଇ ଘର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଛି । ଏହାବ୍ୟତୀତ ପାଖାପାଖି ୧୭ କୋଟି ଟଙ୍କା ବ୍ୟୟ ଅଟକଳରେ ୫୬ ଟି ନୂତନ 'ଆହାର' ରୋଷେଇ କେନ୍ଦ୍ର ପ୍ରତିଷ୍ଠା କରା ଯାଉଚି, ଯାହା ପ୍ରସ୍ତୁତ ହେବା ପରେ ମିଶନ ଶକ୍ତି ଗ୍ରୁପକୁ ମଧ୍ୟ ହସ୍ତାନ୍ତର କରାଯିବ ।

# ଗାଦବା ସମ୍ପ୍ରଦାୟଙ୍କ କେରେଙ୍ଗ ବସ୍ତ୍ର (ଶୀତକୁଡେଇ)

# କୋରାପୁଟର ଗୌରବମୟ ଇତିହାସ କୁ ଲୋକ ଲୋଚନକୁ ଆଣିବ

ଜୟପୁର,(ପି.ଏନ): କୋରାପୁଟ ଜିଲ୍ଲାରେ ବସବାସ କରୁଛନ୍ତି ଗାଦବା ଜନଜାତି ସମ୍ପ୍ରଦାୟ ।ଜିଲ୍ଲାର ଲମତାପୁଟ,ପଟାଙ୍ଗି,ନନ୍ଦପୁର ଓ ବୈପାରିଗୁଡା ବ୍ଲକରେ ବସ ବାସ କରୁଛନ୍ତି । ଗାଦବା ଜନଜାତି ଗଛରୁ ସୁତା ଓ ରଂଗ ତିଆରି କରି ପ୍ରକିୟାକରଣ କରି ରଂଗୀନ ବସ୍ତ୍ର ପ୍ରସ୍ତୁତ କରୁଛନ୍ତି । ବିକ୍ରୟ କରାଯାଉନଥିବାରୁ କେରେଙ୍ଗ ବସ୍ତ୍ର ଦିନକୁ ଦିନ ଲୋପ ହୋଇ ଆସୁଛି । ଏହାକୁ ପୁନର୍ଜୀବିତ କରିବାକୁ ଇନଟାକ ଓ କୋଟସ ଉଦ୍ୟମ ଆରମ୍ଭ କରିଛନ୍ତି । କେବଳ ନିଜର ବାର ବ୍ରତ ଓ ବିବାହ , ପରବ ପର୍ବାଣୀ ରେ ବ୍ୟବହାର ସକାଶେ ଗାଦବା ସମ୍ପ୍ରଦାୟଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ଚଦର 'କେରେଙ୍ଗ ବସ୍ତ୍ର' ଏବେ କୋରାପୁଟ ପାଇଁ ଆଣିବ ଗୌରବ । କଳା ,ସଂସ୍କୃତି ଓ ଐତିହ୍ୟ ର ସଂରକ୍ଷଣ ପାଇଁ କାମ କରୁଥିବା ଇନଟାକ ରାଜ୍ୟ ଶାଖା ଏହାର ପୁନ:ଉଧାର ଓ ବଜାର ବ୍ୟବସ୍ଥା କରିବାକୁ ଉଦ୍ୟମ ଆରମ୍ଭ କରିଛି । କେରେଙ୍ଗ ଗଛର ତନ୍ତୁରୁ ଧଳା ସୁତା ପ୍ରସ୍ତୁତ କରିବାପରେ ଜାଫରା ,ସିନ୍ଦୁର ଗଛରୁ ଲାଲ ରଂଗ , ସିଉନା ଓ ହରଡା ଗଛରୁ ନିଳ ରଂଗ ବାହର କରି କଦଳୀ ଗଛର ମଂଜାକୁ ସିଝାଇ ପ୍ରସ୍ତୁତ ପାଣିରୁ ରଂଗ ପ୍ରସ୍ତୁତ କରି ତାକୁ ପ୍ରକିୟାକରଣ କରି ସୁତାରେ ରଂଗ ଦେଇ ନିଜର ତନ୍ତରେ ବୁଣି ୩ ଟି ରଂଗ ଥିବା ସ୍ୱତନ୍ତ୍ର ବସ୍ତ୍ର ପ୍ରସ୍ତୁତ କରନ୍ତି । ସମ୍ପୂର୍ଣ୍ଣ ଜୈବିକ ପ୍ରଣାଳିରେ ଗଛରୁ ପ୍ରସ୍ତୁତ ରଂଗବୋଳା ସୂତାରେ ନିଜସ୍ୱ ତନ୍ତରେ ବୁଣି ପ୍ରସ୍ତୁତ କରୁଥିବା କେରେଙ୍ଗ ବସ୍ତ୍ର ରୁ ରଂଗ ଛାଡେ ନାହିଁ । ଶହ ଶହ ବର୍ଷ ଧରି ଏହା ପରିକ୍ଷିତ ହୋଇଛି । ବିବାହ , ବ୍ରତ ,ପୂଜା ପାର୍ବଣରେ ଏହି ବସ୍ତ୍ରକୁ ଗାଦବା ସମ୍ପଦାୟର ମହିଳାମାନେ ବ୍ୟବହାର କରିଥାନ୍ତି । ଏପରିକି ଗାଦବା ସମ୍ପ୍ରଦାୟର ମହିଳାଙ୍କ ମୃତ୍ୟୁ ଘଟିଲେ ତାଙ୍କୁ ସମ୍ମାନ ଜଣାଇବା ସକାଶେ ଶବ ଉପରେ କେରେଙ୍ଗ ବସ୍ତ୍ରକୁ ଢାଙ୍କି ଥାନ୍ତି । ଗାଦବା ଝିଅ ବିବାହଯୋଗ୍ୟ ହେଲେ ନିଜେ କେରେଙ୍ଗ ବସ୍ତ୍ର ବୁଣି ଶାଶୁ ଘରକୁ ନେଇଥାନ୍ତି । ଏହି ବସ୍ତ୍ରକୁ ଗାଦବା ସମ୍ପ୍ରଦାୟ ନିଜର ସମ୍ମାନ ବୋଲି ଭାବି ନେଇଥିବାରୁ କାହାରିଙ୍କୁ ବିକ୍ରୟ କରନ୍ତି ନାହିଁ । କେବଳ ନିଜର ବ୍ୟବହାର ସକାଶେ ହିଁ ପ୍ରସ୍ତୁତ କରୁଥିବାରୁ ଅନ୍ୟ କୌଣସି ଲୋକଙ୍କ ନିକଟରେ ଏହି ବସ୍ତ୍ର ମିଳେ ନାହିଁ । ନିର୍ଦ୍ଦିଷ୍ଟ ରୁତୁରେ ହିଁ କେରେଙ୍ଗ ବସ୍ତ୍ର ତିଆରି କରନ୍ତି ଗାଦବା ସମ୍ପ୍ରଦାୟ । ବହୁ ଜଟିଳ ପ୍ରକିୟା ଦେଇ ପ୍ରସ୍ତୁତ ହେଉଥିବାରୁ ବସ୍ତ୍ର ତିଆରି ସକାଶେ ଦୀର୍ଘ ଦିନ ଲାଗିଥାଏ । ମହିଳାମାନେ ୨ ଟି ବସ୍ତ୍ର ବ୍ୟବହାର କରୁଥାନ୍ତି । ଏହା ପୁରୁଷ ପୁରୁଷ ଧରି ପରିବାର ମଧ୍ୟରେ ହସ୍ତାନ୍ତର ହୋଇ ଆସୁଥିବାରୁ ଏବର ଯୁବପିଢି ନିଜେ ବୁଣି ବସ୍ତ୍ର ପ୍ରସ୍ତୁତ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି ।ଫଳରେ ଗାଦବାଙ୍କ ଏହି ସ୍ୱତନ୍ତ୍ର ବସ୍ତ୍ର ବିଲୁପ୍ତ ହେବାକୁ ବସିଛି ।ଏହାକୁ ପୁର୍ନଜୀବିତ କରିବାକୁ ଇନଟାକ ରାଜ୍ୟ ଶାଖା , କୋରାପୁଟ ଜିଲ୍ଲା ଶାଖା ଓ କୋଟସ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ବିକ୍ରୟ ଯୋଗ୍ୟ କରିବା ଉଦେଶ୍ୟରେ ଇନଟାକ ପକ୍ଷରୁ ଦୀର୍ଘ ଏକ ବର୍ଷ ଧରି ନିର ବିଚ୍ଛିନ୍ନ ଭାବେ ସେମାନଙ୍କ ସହ ଯୋଗାଯୋଗ ରଖି ବୁଝା ସୁଝା କରିବା ପରେ ଗାଦବା ସମ୍ପ୍ରଦାୟ ସଚେତନ ହୋଇ କେରେଙ୍ଗ ବସ୍ତ୍ର ପ୍ରସ୍ତୁତ କରିବାକୁ ସମ୍ମତି ହୋଇଛନ୍ତି । ପ୍ରଥମିକ ପର ?ୟାୟରେ( ୩ ଜୋଡା) ୬ଟି ବସ୍ତ୍ର ଇନଟାଙ୍କ ସଂଗ୍ରହ କରିବାରେ ସମର୍ଥ ହୋଇଛି । ଏହି ବସ୍ତ୍ରକୁ ଦିଲ୍ଲୀ ସ୍ଥିତ ଜାତୀୟ ଇନଟାକ କର୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯିବ । ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ଏହାର ବଜାରୀ କରଣ ସକାଶେ କିଭଳି ଅଧିକ ବସ୍ତ୍ର ଉତ୍ପାଦନ ହୋଇପାରିବ ସେଥିନେଇ ଉଦ୍ୟମ କରାଯିବ ବୋଲି ଇନଟାକ ପକ୍ଷରୁ ଅବସରପ୍ରାପ୍ତ ଆଇ ଏ ଏସ କୋରାପୁଟର ପୂର୍ବତନ ଜିଲ୍ଲାପାଳ ସଂଜୀବ ହୋତା ,ରାଜ୍ୟ ଶାଖା ଇନଟାକର ଆବାହକ ଅନିଲ ଧିର , ପରିବେଶବିତ ବିଶ୍ୱଜିତ ମହାନ୍ତି ,କୋରାପୁଟ ଜିଲ୍ଲା ଶାଖା ଇନଟାକର ପ୍ରଫେସର ଡକ୍ଟର ପ୍ରଫୁଲ୍ଲ ମହାପାତ୍ର, ଆଦିବାସୀ ଗବେଷକ ଡ:ରାଜେନ୍ଦ୍ର ପାଢୀ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ଛାତ୍ରଛାତ୍ରୀମାନଙ୍କୁ ସଂରକ୍ଷଣରୁ ବଂଚିତ କରିବାକୁ ରାଜ୍ୟ ସରକାର ଷଡଯନ୍ତ୍ର କରିଛନ୍ତି: ଓବିସି ମୋର୍ଚ୍ଚା

ଭୁବନେଶ୍ୱର, (ପି.ଏନ): ରାଜ୍ୟର ସଂପ୍ରତି ଚାଲିଥିବା ବହୁ ପ୍ରଚାରିତ ପଛୁଆବର୍ଗ ସର୍ଭେ ପଛରେ ଥିବା ରାଜ୍ୟ ସରକାରଙ୍କ ଭିତିରି ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଛି । ରାଜ୍ୟର ପଛୁଆବର୍ଗଙ୍କ ସଂଖ୍ୟାକୁ କମ୍ ଦେଖାଇ ୫୪ ପ୍ରତିଶତ ଏସଇବିସି ବର୍ଗଙ୍କୁ ସଂରକ୍ଷଣ ନଦେବା ପାଇଁ ଏପରି ନାଟକବାଜି କରୁଛନ୍ତି ରାଜ୍ୟ ସରକାର । ସଂପୂର୍ଣ୍ଣ ଶାସନ କଳ ସବୁ ବିଦ୍ୟାବୁଦ୍ଧି ଖଟାଇ ଏସଇବିସି ବର୍ଗଙ୍କୁ କିପରି ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଂଚିତ କରାଯାଇପାରିବ ସେହି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ରାଜ୍ୟ ସରକାରଙ୍କର ଏହି ଓବିସି ବିରୋଧୀ ଅଭିଯାନକୁ ସଫଳ ହେବାକୁ ଦିଆଯିବନି ବୋଲି ଆଜି ଭାରତୀୟ ଜନତା ପାର୍ଟି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀର ଚରମବାଣୀ ଶୁଣାଇଛନ୍ତି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ । ୧୯୩୧ ମସିହାର ଜନଗଣନା ଆଧାରରେ ୫୪ପ୍ରତିଶତ ସଂଖ୍ୟାଗରିଷ୍ଠ ପଛୁଆବର୍ଗଙ୍କୁ ସମଗ୍ର ଦେଶର ୨୭ପ୍ରତିଶତ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଯୋଗାଇ ଦିଆଯାଉଥିବା ବେଳେ କେବଳ ମାତ୍ର ଓଡ଼ିଶା ସରକାର ଏହାକୁ କାର୍ଯ୍ୟକାରୀ କରାଇନଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସର୍ଭେ ବାହାନାରେ କେବଳ ପ୍ରଚାର ଚଳାଇଛନ୍ତି ରାଜ୍ୟ ସରକାର । ସଂରକ୍ଷଣ ମିଳୁନଥିବାରୁ ଜନସାଧାରଣଙ୍କର କୌଣସି ଆଗ୍ରହ ନାହିଁ ଏଥିରେ । ୨୦ଲକ୍ଷରୁ ଉର୍ଦ୍ଧ୍ୱ ପରିବାର ଦାଦନ ଖଟିବାକୁ ବାହାରକୁ ଯାଇଛନ୍ତି । ଏବେ ବି କେଉଁ କେଉଁ ଜାତିବର୍ଗର ସର୍ଭେ ହେବ ତାହା ଚୁଡାନ୍ତ ନୁହେଁ । ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଜାତି କୋର୍ଡ ନମ୍ବର ତାଲିକାରେ ୨୧୦ଜାତିବର୍ଗ ନାମ ଉଲ୍ଲେଖ ଅଛି । ନୂତନ ଭାବେ ଅଧାଦେଶ ବଳରେ ଯୋଡାଯାଇଥିବା ଜାତିବର୍ଗ ତାଲିକା ଗଲା କୁଆଡେ ? କେନ୍ଦ୍ର ଓବିସି ତାଲିକାରେ ଥିବା ଜାତିମାନେ କ'ଣ ଏଥିରୁ ବଂଚିତ କି ? ଆଜି କେତେକ ଗଣମାଧମରେ ରାଜ୍ୟରେ ପଛୁଆବର୍ଗଙ୍କ ଆପାତତଃ ସଂଖ୍ୟା ପ୍ରକାଶ ପାଇଛି ଏବଂ ଏହି ସଂଖ୍ୟା ବାସ୍ତବତାଠାରୁ ବହୁତ କମ୍ । କେଉଁ ସରକାରୀ ଅଧିକାରୀ ଏଭଳି ତଥ୍ୟ ଗଣମାଧମକୁ ଦେଇଛନ୍ତି ତାହା ରାଜ୍ୟବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆରମ୍ଭରୁ ଆମ୍ଭେ ଏହି ସର୍ଭେର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଶଙ୍କା ପ୍ରକଟ କରିଆସିଛୁ । ସତରେ ଯଦି ମୁଖ୍ୟମନ୍ତ୍ରୀ ପଛୁଆବର୍ଗଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ଦେବା ପାଇଁ ଚାହୁଁଛନ୍ତି ତେବେ ରାଜ୍ୟ ସରକାରଙ୍କ ପାଖରେ ଉପଲବ୍ଧ ପଛୁଆବର୍ଗ ତାଲିକା ଏବଂ ଅନ୍ୟ ରାଜ୍ୟମାନଙ୍କର ଯେଉଁ ମାପଦଣ୍ଡ ଅନୁଯାୟୀ ସଂରକ୍ଷଣ ଯୋଗାଇ ଦିଆଯାଉଛି ସେହି ଆଧାରରେ ସଂରକ୍ଷଣ ଯୋଗାଇ ଦେଇପାରନ୍ତେ । କିନ୍ତୁ ସେପରି ନକରି ମୁଷ୍ଟିମେୟ ପଛୁଆବର୍ଗ ବିରୋଧୀ ଷଡଯନ୍ତ୍ରକାରୀ ଗୋଷ୍ଠୀଙ୍କ ଦ୍ୱାରା ପ୍ରଭାବିତ ହୋଇ ସଂଖ୍ୟାଗରିଷ୍ଠ ବର୍ଗଙ୍କୁ ସେମାନଙ୍କ ଅଧିକାରରୁ ବଂଚିତ କରୁଛନ୍ତି ବୋଲି ଶ୍ରୀ ବିଶ୍ୱାଳ ଅଭିଯୋଗ କରିଛନ୍ତି ।ନାମଲେଖା ସମୟ ଅବଧି ସମାପ୍ତି ପୂର୍ବରୁ ରାଜ୍ୟ ସରକାର ପଛୁଆବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ତୁରନ୍ତ ୨୭ପ୍ରତିଶତ ସଂରକ୍ଷଣ ଘୋଷଣା କରିବା ପାଇଁ ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ ଦାବି କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଓବିସି ମୋର୍ଚ୍ଚା ସଂଯୋଜକ ବିବେକାନନ୍ଦ ଜେନା ଓ ରାଜ୍ୟ କୃଷକମୋର୍ଚ୍ଚା ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଙ୍ଗା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୁତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।


2023-2024

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Tuesday May 30, 2023 ଭୁବନେଶ୍ୱର ମଙ୍ଗଳବାର , ମଇ ୩୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ସୋନପୁରଠାରେ ସାତ ଦିନିଆ ଟେରାକୋଟା ଶିବିର ଉଦଯାପିତ

## ଟେରାକୋଟାରେ ରୂପ ନେଲା ସୋନପୁରର ପରମ୍ପରା ଓ ସଂସ୍କୃତି

ଭୁବନେଶ୍ୱର, (ପି.ଏନ): ଓଡ଼ିଶା ଲଳିତ କଳା ଏକାଡେମୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଓ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ସହଯୋଗରେ ସୋନପୁରର କୁମ୍ଭାରପଡାଠାରେ ସାତ ଦିନିଆ ପାରମ୍ପରିକ ଟେରାକୋଟା ଶିବିର ଉଦଯାପିତ ହୋଇଯାଇଛି ଓ ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ବିଶିଷ୍ଟ ବାନ୍ଧ ଶିଳ୍ପୀ, ସନ୍ଥକବିର ଜାତୀୟ ପୁରସ୍କାର ପ୍ରାପ୍ତ ଶ୍ରୀଯୁକ୍ତ ପ୍ରହଲ୍ଲାଦ ମେହେର, ସୁବର୍ଣ୍ଣପୁରର ହସ୍ତ ଶିଳ୍ପ ବିଭାଗର ପ୍ରୋଗ୍ରାମ ଅଫିସର ଦେବାଶିଷ ମିଶ୍ର ଯୋଗ ଦେଇ ପ୍ରଦର୍ଶନୀକୁ ଉଦଘାଟନ କରିବା ସହିତ ଶିଳ୍ପୀ ମାନଙ୍କର କଳାକୃତିର ଭୂୟସୀ ପ୍ରଶଂସା କରିଥିଲେ। ଏକାଡେମୀର କାର୍ଯ୍ୟକାରୀ ସମିତ ସଦସ୍ୟ ଶ୍ୟାମ ସୁନ୍ଦର ମେହେର, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ।ପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ ଓ ଉପସ୍ଥିତ ଅତିଥିମାନେ ସୋନପୁର ଟେରାକୋଟାର ମାହାତ୍ମ୍ୟ ଓ



ଏହାର ପ୍ରାଚୀନତା ବିଷୟରେ ଆଲୋକପାତ କରିଥିଲେ। ଆଧୁନିକ ସମୟର ତାଳରେ ଟେରାକୋଟା ଶିଳ୍ପୀ ମାନେ ନିଜ କଳାକୃତିରେ ସମ୍ୟକ୍ ପରିବର୍ତ୍ତନ ସହିତ ସେଗୁଡିକୁ ନୈନ୍ଦିନ ବ୍ୟବହାର ଯୋଗ୍ୟ କରିବା ପାଇଁ ମତ ପ୍ରକାଶ କରିଥିଲେ। ପ୍ରଦର୍ଶନୀରେ ଶିଳ୍ପୀ ମାନଙ୍କ ଦ୍ୱାରା ସୋନପୁର ପ୍ରସିଦ୍ଧ ଟେରାକୋଟା ଘଡା, ହାତୀ, ଲଙ୍କାପୋଡ଼ି ହନୁମାନ, ଟେରାକୋଟା ଖପର ଉପରେ ବିଭିନ୍ନ ପଶୁ ପକ୍ଷୀ ଆକାର, ଗଛରେ ପରିବେଶ ସଚେତନତାର ବାର୍ତ୍ତା, ପଞ୍ଚମୁଖୀ ହନୁମାନ, ବିଭିନ୍ନ ମୁଖାକୃତି, ପ୍ରଦୀପ ଷ୍ଟାଣ୍ଡ, ପାରମ୍ପରିକ ଘରର ଅସବା ପତ୍ର, ଝୁମର୍ ଓ ଟେରାକୋଟା ରିଲିଫ୍ ରେ ପ୍ରସିଦ୍ଧ ଲଙ୍କ ?ଶ୍ୱରୀ ମନ୍ଦିର ଓ ମହାନଦୀର ଦୃଶ୍ୟ ଖୁବ୍ ସୁନ୍ଦର୍ ଭାବରେ ଫୁଟାଇଥିଲ ।ଆଗାମୀ ଦିନରେ ଏହି କଳାକୃତି ଗୁଡ଼ିକ ଭୁବନେଶ୍ୱର ତଥା ବିଭିନ୍ନ ଜିଲ୍ଲା ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ପ୍ରଦର୍ଶନୀ କରାଯିବ ବୋଲି ସଚିବ ମତ ପ୍ରକାଶ କରିଥିଲେ। ଉତ୍ସବ ଅବସରରେ ଅତୀଥିମାନେ ଏକାଡେମୀ ତରଫରୁ ଅଂଶଗ୍ରହଣକାରୀ ଶିଳ୍ପୀଙ୍କୁ ପୁଷ୍ପଗୁଚ୍ଛ ,ମାନପତ୍ର ଅଙ୍ଗବସ୍ତ୍ର ଓ ଦଶହଜାର ଟଙ୍କା ଲେଖଏଁ ଅର୍ଥରାଶିଦେଇ ସମ୍ମାନିତ କରିଥିଲେ।

# ପାରାଦୀପ ବିଜେପିର କାର୍ଯ୍ୟକାରିଣୀ ବୈଠକ, ସାମିଲ ହେଲେ ଶତାଧିକ କର୍ମୀ ଓ କାର୍ଯ୍ୟକର୍ତ୍ତା

ପାରାଦୀପ,(ପି.ଏନ): ପାରାଦୀପ ବିଜେପିର କାର୍ଯ୍ୟକାରିଣୀ ବୈଠକ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ ଙ୍କ ଅଧକ୍ଷତାରେ ସ୍ଥାନୀୟ ପାନ୍ଥ ନିବାସ ଠାରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପାରାଦୀପ ର ସମସ୍ତ ୱାର୍ଡ, ବୁଥ, ନିର୍ବାଚିତ ପାରିଷଦ ଓ ମଣ୍ଡଳ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ କ୍ଷ ଏହି ଅବସରରେ ବିଜେପି ଅନୁସୂଚିତ ମୋର୍ଚ୍ଚା ରାଜ୍ୟ ସଭାପତି ବିଭୁ ପ୍ରସାଦ ତରାଇ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପାରାଦୀପ ନିର୍ବାଚନ ମଣ୍ଡଳୀ ବିଜେପି ନେତା ସମ୍ପଦ ସ୍ୱାଇଁ ଙ୍କ ସମେତ ନଗର ନେତୃମଣ୍ଡଳୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା କୁ 'ମହା ଜନସମ୍ପର୍କ ଯାତ୍ରା' ମାଧମରେ ଘରେ ଘରେ ପହଞ୍ଚାଇବା ପାଇଁ କାର୍ଯ୍ୟକର୍ତ୍ତା ଙ୍କୁ ଆହ୍ୱାନ ଦେବା ସହ ଆଗାମୀ ଦିନରେ ସଂଗଠନ କୁ ତୃଣମୂଳ ସ୍ତରରେ କିପରି ଅଧିକ ସୁଦୃଢ଼ କରାଯିବ ସେ ବିଷୟରେ ଆଲୋଚନା କରିଥିଲେ।

# ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ଦ୍ୱାରା ପିଲାମାନଙ୍କ ପାଇଁ ଆୟୋଜିତ ଗ୍ରୀଷ୍ମକାଳୀନ ଶିବିର ଉଦଯାପିତ

ଭୁବନେଶ୍ୱର,(ପି.ଏନ)ଭୁବନେଶ୍ୱର ରେଳବାଇ ଅଡିଟୋରିୟମ ଠାରେ ଆୟୋଜିତ ଉଦଯାପନୀ ଉତ୍ସବରେ ଯୋଗଦେଇ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ମନୋଜ ଶର୍ମା ଭିନ୍ନ ଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଉତ୍କର୍ଷତା ପ୍ରତିପାଦନ କରିଥିବା ପିଲାମାନଙ୍କୁ ପୁରସ୍କାର ବିତରଣ କରିବା ସହିତ ଏହି ଶିବିରରୁ ଅନୁଭବ ଉପଲବ୍ଧିକୁ ସେମାନଙ୍କର ଭବିଷ୍ୟତ ଜୀବନରେ ପ୍ରୟୋଗ କରିବା ପାଇଁ ପରାମର୍ଶ ଦେଇଥିଲେ ଓ ଏହି ଗ୍ରୀଷ୍ମକାଳୀନ ଶିବିରରେ ରେଳବାଇ କର୍ମଚାରୀଙ୍କ ପିଲାମାନେ ଯୋଗଦାନ କରି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଯଥା ଯୋଗ, ସଂଗୀତ, ଚିତ୍ରାଙ୍କନ, ନୃତ୍ୟ, ସନ୍ତରଣ, ଅଭିନୟ, ହସ୍ତଶିଳ୍ପ ବୁଣାବୁଣି, ବାଲୁକା କଳା, ସାମରିକ କଳା ପ୍ରତିଭାକୁ ସେମାନେ ଯୋଗ୍ୟ ତାଲିମପ୍ରାପ୍ତ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ପ୍ରଦର୍ଶନ କରିଥିଲେ ଓ ଏହି ଅବସରରେ ମହିଳା କଲ୍ୟାଣ



ସଂଗଠନର ସଭାପତି ଶ୍ରୀମତୀ ଦିବ୍ୟା ଶର୍ମା ଯୋଗଦାନ କରି ପିଲାମାନଙ୍କୁ ସେମାନଙ୍କର ଅନ୍ତର୍ନିହିତ ଗୁଣ ପ୍ରକାଶ କରିବାକୁ ଉତ୍ସାହିତ କରିଥିଲେ । ଶିବିରର ପିଲାମାନେ କାଦୁଅ, ବାଲି, କାଗଜପତ୍ର ଏବଂ ଜୀବନ୍ତ ରଙ୍ଗ ସହିତ ଯୋଡ଼ିହେବା ପାଇଁ ଏକ ବିଶେଷ ସମୟ ପାଇଛନ୍ତି ଯାହା ସହିତ ସେମାନେ ସେମାନଙ୍କର ଭାବନାକୁ ପରିପ୍ରକାଶ କରିପାରିଛନ୍ତି । ଏହା ବ୍ୟତୀତ ପିଲାମାନେ ଅନ୍ୟ ଶିବିର ସାଥୀମାନଙ୍କୁ ଦେଖି ଅନେକ ଆମୋଦ ବିନୋଦନ କାର୍ଯ୍ୟ ଶିଖିପାରିଛନ୍ତି ଏବଂ ନିଜ ଭିତରେ ଲୁକ୍କାୟିତ ପ୍ରତିଭାଗୁଡ଼ିକୁ ବିକଶିତ କରିପାରିଛନ୍ତି ।ସଂଗଠନର ସମ୍ପାଦିକା ଶ୍ରୀମତୀ ମନମିତା ମଣ୍ଡଳ, ସହ ସମ୍ପାଦିକା ଶ୍ରୀମତୀ ସଞ୍ଚିତା ନସ୍କର ଏବଂ କୋଷାଧ୍ୟକ୍ଷ ଶ୍ରୀମତୀ ଭାରତୀ ନିନାୱେ ଏବଂ ଇକୋରୋର ଅନ୍ୟ ସଦସ୍ୟମାନେ ଏହି ସମାବର୍ତ୍ତନ ଉତ୍ସବକୁ ପରିଚାଳନା କରିଥିବାବେଳେ ଗ୍ରୀଷ୍ମ ଶିବିରରେ ପିଲାମାନଙ୍କ ପାଇଁ ଇଭେଣ୍ଟଗୁଡିକୁ ସକ୍ରିୟ ଭାବରେ ସମନ୍ୱୟ କରିଥିଲେ ।

# ବିଜେଡ଼ି ଶାସନର ୪ ବର୍ଷ ପୂର୍ତ୍ତି : ଉପକୃତ ବିଜେଡ଼ି ଉପେକ୍ଷିତ ଓଡ଼ିଶା

ଭୁବନେଶ୍ୱର ତା. ୨୯/୦୫ ରିଖ : ପ୍ରଦେଶ କଂଗ୍ରେସ ତରଫରୁ ଭୁବନେଶ୍ୱର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନ୍ତପଂଚମ ପାଳିର ୪ ବର୍ଷ ବିଜେଡ଼ି ସରକାରନ୍ତ ପ୍ରସଙ୍ଗରେ ପିସିସି ଗଣମାଧମ ବିଭାଗ ଅଧକ୍ଷ ଗଣେଶ୍ୱର ବେହେରା, ପିସିସି ମୁଖପାତ୍ର ମନୋରନ ଦାସ ଓ ମୁଖପାତ୍ର ରଜନୀ କୁମାର ମହାନ୍ତି ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ଏହି ୪ ବର୍ଷ ଶାସନରେ ବିଜେଡ଼ି ଉପକୃତ ହୋଇଥିବା ସ୍ଥଳେ ଓଡ଼ିଶା ଉପେକ୍ଷିତ ହୋଇଛି ।ଗଣମାଧମ ବିଭାଗ ଅଧକ୍ଷ ଗଣେଶ୍ୱର ବେହେରା ୪ ବର୍ଷ ପୁର୍ତି ଉପଲକ୍ଷେ ବିଜେଡ଼ିକୁ କଂଗ୍ରେସ ତରଫରୁ ଅଭିନନ୍ଦନ ଜଣାଇଥିଲେ। ଇତିମଧରେ ପଂଚାୟତ, ପୌର ତଥା ଉପନିର୍ବାଚନରେ ବିଜୟ ଲାଭ କରିଥିବାରୁ ବିଜେଡ଼ି ଉଲ୍ଲସିତ ହେବା ସ୍ୱଭାବିକ। କିନ୍ତୁ ଓଡ଼ିଶାବାସୀ ସ୍ଥିତି କ'ଣ ? କ'ଣ ରାଜ୍ୟର ସ୍ଥିତି ? ରାଜ୍ୟସ୍ଥିତି ସଂପର୍କରେ ଅବତାରଣା କରି ଶ୍ରୀ ବେହେରା ଇଣ୍ଡିଆ ଟୁଡ଼େ ଓ ନିତି ଆୟୋଗର ସଦ୍ୟ ରିପୋର୍ଟ ଉଧାର କରିଥିଲେ। ଇଣ୍ଡିଆ ଟୁଡ଼େର ରାଜ୍ୟମାନଙ୍କ ମଧରେ ରାଜ୍ୟର ରିପୋର୍ଟ ଅନୁସାରେ ଓଡ଼ିଶା ଉଚ୍ଚ ପ୍ରଦର୍ଶନ କରିଥିବା ୧୭ ରାଜ୍ୟ ମଧରେ ୧୬ ସ୍ଥାନରେ, କୃଷି କ୍ଷେତ୍ରରେ ୨୦ ରାଜ୍ୟ ମଧରେ ୧୪, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୧୩, ଆଇନ ଶୃଙ୍ଖଳା କ୍ଷେତ୍ରରେ ୧୪, ଭିତିଭୂମି ସଂରଚନା କ୍ଷେତ୍ରରେ ୧୦ ଓ ସମଭିତିକ ବିକାଶ କ୍ଷେତ୍ରରେ ୧୬ ସ୍ଥାନରେ ଦର୍ଶାଯାଇଛି। ଅନୁରୂପ ଭାବରେ ନିତି ଆୟୋଗର ସଦ୍ୟତମ ପ୍ରକାଶିତ ରିପୋର୍ଟ ଅନୁସାରେ ଇନୋଭେସନ ଇଣ୍ଡେକ୍ସରେ ଓଡ଼ିଶା ସ୍ଥାନ ୧୭ ରାଜ୍ୟ ମଧରୁ ୧୬ ଓ ସ୍ୱାସ୍ଥ୍ୟ ସୂଚକାଙ୍କରେ ଓଡ଼ିଶାର ସ୍ଥାନ ୧୪, ଏଇ ତ ଆମର ପାରଦର୍ଶିତା ।ଶ୍ରୀ ବେହେରା ବିଫଳ ପ୍ରତିଶ୍ରୁତିର ତାଲିକା ଦେଇ ଅଭିଯୋଗ କରି କହିଥିଲେ, ରାଜ୍ୟ



ସରକାର ସମସ୍ତ ନିଅଂଟିଆ ବ୍ଲକରେ ୩୫ ପ୍ରତିଶତ ଜଳସେଚନ ସାମର୍ଥ ସୃଷ୍ଟି କରିବାର ପ୍ରତିଶ୍ରୁତି ୫ ବର୍ଷରେ ଦେଇଥିଲେ ମଧ ୧୮ ବର୍ଷ ବିତିଗଲା କିନ୍ତୁ ଆହୁରି ୩୨ ବ୍ଲକ ରହିଗଲା। ପ୍ରତିବର୍ଷ ୧ ଲକ୍ଷ ନିଯୁକ୍ତି ଦେବାକୁ କହି ୨୩ ବର୍ଷ ମଧରେ ୨୩ ଲକ୍ଷ ନିଯୁକ୍ତି ପାଣିରେ ଗାର ହେଲା। ଛଟେଇ ହେଲା ଏବଂ ଏଥିସାଙ୍ଗକୁ ସରକାରୀ ଖାଲି ଥିବା ପଦବୀ ୨୦୧୯ ରେ ୧ ଲକ୍ଷ ୩୧ ଥିବା ସ୍ଥଳେ ଏବେ ବଢ଼ି ୨ ଲକ୍ଷ ୩୬ ହଜାରରେ ପହଂଚିଥିଲା। ପ୍ରତି ପଂଚାୟତରେ ଶୀତଳ ଭଣ୍ଡାର ପ୍ରତିଷ୍ଠାର ପ୍ରତିଶ୍ରୁତି ଦେଇଥିଲେ ମଧ ପଂଚାୟତ ପରିବର୍ତେ ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ଦାବୀ ଦାବିରେ ରହିଗଲା। ସ୍ୱାସ୍ଥ୍ୟ କ୍ଷେତ୍ରରେ ଡାକ୍ତର ବିଶେଷଜ୍ଞ ପଦବୀ ସଂଖ୍ୟା ୩୭୪୪ ପଦବୀ ଖାଲି ପଡ଼ିଛି। ଆଜି ଏଣ୍ଡିଆନ ଏକ୍ସପ୍ରେସ ନିୟୁଜି ଅନୁସାରେ ମେଡ଼ିକାଲ କମିଶନ କଟକ ଏସ୍‌ସିବି ମେଡ଼ିକାଲ କଲେଜକୁ ଖାଲି ସ୍ଥାନ ୩୦ ଦିନ ମଧରେ ପୂରଣ ନ କଲେ ସ୍ୱୀକୃତି ପ୍ରତ୍ୟାହାର କରିବାକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏହି ତ ସରକାରଙ୍କ ପାରିବା ପଣ। ଆଇନ୍ ଶୃଙ୍ଖଳା ପରିସ୍ଥିତି ସଂପର୍କରେ ଗଣେଶ୍ୱର ବେହେରା ପୋଲିସ୍ ବିଫଳତାର ଉଦାହରଣ ଦେଇ କହିଥିଲେ ଯେ, ମହିଳା ଅପରାଧ କ୍ଷେତ୍ରରେ ଓଡ଼ିଶା ଭାରତ ବର୍ଷରେ ଦ୍ୱିତୀୟ ଘରୋଇ ବିଭାଗର ଶ୍ୱେତପତ୍ର ଅନୁସାରେ ଓଡ଼ିଶା ଦୈନିକ ୯ ଟି ଧର୍ଷଣ ଓ ଗଣଧର୍ଷଣ ମାମଲା ରୁଜୁ ହୋଇଥିବା ସ୍ଥଳେ ବର୍ଷକୁ ୯ ଜଣଙ୍କୁ ମଧ ଦଣ୍ଡ ବିଧାନ କରାଯାଇନାହିଁ। ରାଜ୍ୟର କ୍ରାଇମ୍ ବ୍ରାଂଚ କ୍ରାଇମ୍ ପ୍ରୋଟେକ୍‌ସନ ବ୍ରାଂଚରେ ପରିଣତ ହୋଇଛି। ଡିସେମ୍ବର ୨୦ ରେ ଗୋବିନ୍ଦ ସାହୁ ମମିତା ମେହେର ମେମଲାରେ ଗିରଫ ହୋଇ ଜେଲ୍‌ରେ ମୃତ୍ୟୁବରଣ କଲେ। ତା' ହତ୍ୟା ନା ଆତ୍ମହତ୍ୟା କ୍ରାଇମ୍ ବ୍ରାଂଚ ୫ ମାସ ମଧରେ ନିର୍ଣ୍ଣୟ କରିପାରିଲା ନାହିଁ। ନବଦାସ ହତ୍ୟାକାଣ୍ଡର ଚାର୍ଜସିଟ୍ ପଢ଼ିଲେ ସ୍ୱଭାବିକ ଧାରଣା ହେବ ଯେ, ସରକାର ଅପରାଧିମାନଙ୍କୁ ସୁରକ୍ଷା ଓ ପ୍ରୋତ୍ସାହନ ଦେଉଛନ୍ତି। ସୁତରାଂ ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ। କିନ୍ତୁ ସରକାର ଉଦାସିନ, ଆଇନ୍‌କୁ ଆଇନ୍ ବାଟରେ ଯିବାକୁ ଦିଆଯାଉନାହିଁ। ସ୍ୱଚ୍ଛ ଉତରଦାୟୀ ଶାସନର ଡେଙ୍ଗୁରା ପିଟୁଥିବା ବିଜେଡ଼ି ସରକାରର ଅସଲ ମୁଖା ସର୍ବୋଚ୍ଚ ନ୍ୟାୟାଳୟ ବେଦାନ୍ତ ବିଶ୍ୱବିଦ୍ୟାଳୟରେ ମାମଲାରେ ଖୋଲି ଦେଇଛନ୍ତି। ମାନ୍ୟବର ନ୍ୟାୟାଳୟ ଅତ୍ୟନ୍ତ କଠୋର ଭାବରେ ଭର୍ତ୍ସନା କରି ରାଜ୍ୟ ସରକାର ଅବିଚାରିତ ଭାବେ ନିଷ୍ପତି ନେବା, ସମ୍ବିଧାନର ଧାରା ୧୪ର ଉଲଘଂନ କରିବା, ସାଧାରଣଙ୍କ ପ୍ରତି ବିଶ୍ୱାସଘାତକତା କରିବା ସହ ବେଦାନ୍ତ କଂପାନୀ ପ୍ରତି ଅହେତୁକ ଅନୁକମ୍ପା ଦେଖାଇ ରାଜ୍ୟ ସ୍ୱାର୍ଥକୁ ବିକି ଦେଇଛନ୍ତି। ପୃଷ୍ଠା ପରେ ପୃଷ୍ଠାର ମନ୍ତବ୍ୟ ଉପସ୍ଥାପନା କରି ଭ୍ରଷ୍ଟାଚାରର ଆରୋପ କରିଥିଲେ। ଶ୍ରୀଯୁକ୍ତ ବେହେରା ସମାଲୋଚନା କରି କହିଥିଲେ ଯେ, ୪ ବର୍ଷ ପୂର୍ତିରେ ବିଜେଡ଼ି ଦଳ ଓ ସରକାରର ଉଲ୍ଲାସ ମନୋଜ ଦାସଙ୍କ ଭାଷାରେ ନ୍ତଅରଣ୍ୟ ଉଲ୍ଲାସନ୍ତ ବ୍ୟତିତ କିଛି ନୁହେଁ। ଓଡ଼ିଶାବାସୀ ଠିକ୍ ସମୟରେ ଠିକ୍ ବିଚାର କରିବେ ବୋଲି ସେ ଆଶବ୍ୟକ୍ତ କରିଥିଲେ ।ଏହି ସମ୍ମିଳନୀରେ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି ଉଦ୍‌ବୋଧନ ରଖି କହିଥିଲେ ଯେ, ୨୪ ବର୍ଷର କ୍ରମାଗତ ନବୀନ ସରକାର ଓଡ଼ିଶାବାସୀଙ୍କ ଯେତେଗୁଡ଼ିଏ ପ୍ରତିଶ୍ରୁତି ଦେଇଥିଲେ ସେଥିରୁ କୌଣସି ପ୍ରତିଶ୍ରୁତି ପାଳନ ହେଲାଭଳି ଲାଗୁନାହିଁ।

# ବାଣୀଧାରା ପକ୍ଷରୁ 'ଡ୍ରଗ୍ସ ମାନବ ସମାଜ ପାଇଁ ହାନିକାରକ' ଆଲୋଚନାଚକ୍ର ଆୟୋଜିତ

ପାରାଦୀପ ,(ପି.ଏନ):ଓଡ଼ିଶାର ଅର୍ଥନୈତିକ ମୁଖଶାଳା ପାରାଦୀପ ବନ୍ଦର ଭିତ୍ତିକ ଶିଳ୍ପାଞ୍ଚଳରେ ଅବୈଧ ଡ୍ରଗ୍ସ ବ୍ୟବହାର ନିୟନ୍ତ୍ରଣ ସମ୍ପର୍କରେ ଏକ ମେଗା ଆଲୋଚନାଚକ୍ର ସ୍ଥାନୀୟ ପୋର୍ଟ କ୍ଲବ ପରିସରରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । କୁଜଙ୍ଗ ବାଘୁଆଠେଙ୍ଗ ଗ୍ରାମର ପୁରାତନ ସୃଜନଶୀଳ ଅନୁଷ୍ଠାନ ବାଣୀଧାରା ପକ୍ଷରୁ ଏହା ଆୟୋଜିତ ହୋଇଥିଲା । ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ଆଇନଜୀବୀ ଗତିକୃଷ୍ଣ ଶତପଥୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଖବରଦାତା, ଆଇନଜୀବୀ, ସ୍ୱେଚ୍ଛାସେବୀ ସଂଗଠନ ପ୍ରତିନିଧି ଓ ସାଧାରଣ ବର୍ଗର ଲୋକ ସାମିଲ ହୋଇ ଏହି ବୃଶ୍ୟବସ୍ତୁ ଉପରେ ଗଠନମୂଳକ ମତାମତ ଦେଇଥିଲେ । ମୁଖ୍ୟ ଆଲୋଚକ ଭାବେ କ୍ୟାପଟେନ ପ୍ରେମାନନ୍ଦ ରାଉତ, ଅଧାପକ ଅକ୍ଷୟ ମିଶ୍ର, ଡାକ୍ତର ଦେବଦତ୍ତ ସାମନ୍ତରାୟ, ବିଜ୍ଞାନ ଶିକ୍ଷକ ରୋହିତ କୁମାର ମହାପାତ୍ର, ବରିଷ୍ଠ ନାଗରିକ କୈଳାସ ଚନ୍ଦ୍ର ମହାରଣା ପ୍ରମୁଖ ନିଜର ମତ ରଖିଥିଲେ ।ଏଥିରେ ଆହ୍ୱାନ କମ୍ବାଇନ୍ସ, ଆଦର୍ଶପ୍ରୟାସ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ମାନେ ସୁଚିନ୍ତିତ ମତାମତ ଦେଇଥିଲେ । ବିଦେଶରୁ ଆମଦାନୀ ହେଉଥିବା ଡ୍ରଗ୍ସ ବ୍ୟବହାର କରୁଥିବା ଯୁବଗୋଷ୍ଠୀ ନିଜ ଅଜାଣତରେ ନିଜର ଭବିଷ୍ୟତ ନଷ୍ଟ କରୁଛନ୍ତି । ଏହାର କାରବାର ଓ ବ୍ୟବହାର ରୋକିବା ପାଇଁ ପ୍ରତି ପରିବାରରୁ ସଚେତନତା ଆବଶ୍ୟକ । ମା ବାପା ମାନେ ପିଲାଙ୍କ ବଢ଼ିବା ବୟସରେ ସେମାନଙ୍କ ଗତିବିଧିକୁ ଦୃଷ୍ଟି ଦେବା ଅପରିହାର୍ଯ୍ୟ ବୋଲି ଅତିଥି ରାଉତ କହିଥିଲେ । ଉକ୍ତ ଅନୁଷ୍ଠାନ ପୂର୍ବରୁ ଏଭଳି ସଚେତନତା ବାଘୁଆଠେଙ୍ଗରୁ ଆରମ୍ଭ କରିଥିଲା । ଏବେଠାରୁ ପ୍ରତି ସ୍କୁଲ କଲେଜରେ ଛାତ୍ରଛାତ୍ରୀ ଙ୍କୁ ଏହାର ଭୟାଭୟତା ସମ୍ପର୍କରେ ଅବଗତ ଓ ସଚେତନତା କରାଯିବ ବୋଲି ଆୟୋଜକ ଶ୍ରୀ ଶତପଥୀ କହିଥିଲେ ।ଏପରିକି ଆସନ୍ତା ରଥଯାତ୍ରା ସମୟରେ ପୁରୀ ବଡଦାଣ୍ଡରେ ଏକ ସ୍ୱତନ୍ତ୍ର ସଚେତନତା ଷ୍ଟଲ ଖୋଲାଯିବ ବୋଲି ସେ ସୂଚନା ଦେଇଥିଲେ । ତେବେ ସମ୍ପ୍ରତି ଡ୍ରଗ୍ସ ନିଶା କାରବାର ବ୍ୟବହାରକାରୀ ଙ୍କ ସଂଖ୍ୟା ବୃଦ୍ଧି ପାଇ ଏବେ ବେନିୟନ୍ତ୍ରିତ ହୋଇପଡିଥିବା ବେଳେ ଆଇନଜୀବୀ ଗତିକୃଷ୍ଣ ଶତପଥୀ ଙ୍କ ଏପରି ସଚେତନତା ଅଭିଯାନ ଓ ସମାଜମଙ୍ଗଳ ଉଦ୍ୟମ ଓ ପ୍ରଚେଷ୍ଟାକୁ ସାଧାରଣରେ ବେସ ପ୍ରଶଂସା କରାଯାଇଥିବା ବେଳେ ସମସ୍ତଙ୍କ ପାଇଁ ଆଦର୍ଶ ଓ ଉଦାହରଣ ପାଲଟିଛନ୍ତି

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Vioöage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray